

# ଅପରାଧରେ ଲାଗୁଛି ସେଲ୍‌ଫ ଡ୍ରାଇଭ୍ କାର୍

ଭୁବନେଶ୍ୱର, ୨୫।୬ (ସମିସ)

ଆପଣ ସେଲ୍‌ଫ ଡ୍ରାଇଭିଂ ବା ବିନା ଚାଳକରେ ଗାଡ଼ି ଭଡ଼ା ଦେଉଛନ୍ତି କି! ତେବେ ହୋଇଯାଆନ୍ତୁ ସାବଧାନ। କାରଣ କୌଣସି ମୂହୁର୍ତ୍ତରେ ଆପଣଙ୍କ ଗାଡ଼ି ଚୋରି ହୋଇପାରେ। ଗାଡ଼ି ଭଡ଼ା ନେବା ଆଳରେ ଆପଣଙ୍କ ଗାଡ଼ି ଲୁଟି ନେଇପାରନ୍ତି ଦୁର୍ବୃତ୍ତ। ବର୍ତ୍ତମାନ ବାଇକଠୁ ଆରମ୍ଭ କରି କାର ଭଳି ଗାଡ଼ିଗୁଡ଼ିକୁ ଏବେ ଯାତ୍ରୀ ପରିବହନ ବ୍ୟବସାୟରେ ଅର୍ଥାତ୍ ସେଲ୍‌ଫ୍ ଡ୍ରାଇଭିଂରେ ନିୟୋଜିତ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କମ୍ ନିବେଶ ଓ ବିନା ଚାଳକରେ ଏହି ବ୍ୟବସାୟରୁ ଅଧିକ ଟଙ୍କା ଉପାର୍ଜନ ହେଉଛି। ତେଣୁ ରାଜଧାନୀରେ ଏହି ବ୍ୟବସାୟ ଖୁବ୍ ଜୋରରେ ବଢ଼ିଚାଲିଛି। ଆଉ ଏହାକୁ ଟାର୍ଗେଟ୍ କରି ବର୍ତ୍ତମାନ ଗ୍ରାହକ ବେଶରେ ଅସାମାଜିକ ତତ୍ତ୍ୱ ଅପରାଧ ପାଇଁ ସେଲ୍‌ଫ୍ ଡ୍ରାଇଭିଂକୁ ଢାଲ କରିଛନ୍ତି। ନକଲି ଆଧାର କାର୍ଡ ଦାଖଲ କରି ଭଡ଼ାରେ କାର୍ ନେଉଛନ୍ତି। ଆଉ ଗାଡ଼ି ନେବା ପରେ କେଉଁଠି ବନ୍ଧୁକ ଦେଖାଇ ଲୁଟପାଟ୍ କରୁଛନ୍ତି, କେଉଁଠି ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଟଙ୍କା କାରବାରକୁ ନେଇ ଅପହରଣ କରାଯାଉଛି ତ ଆଉ କୋଉଠି ଗାଡ଼ି ନେଇ ରାଜ୍ୟ ବାହାରେ ନମ୍ବର ପ୍ଲେଟ ବଦଳାଇ ବିକ୍ରି କରି ଦିଆଯାଉଛି। ମୋଟାମୋଟି କହିବାକୁ ସେଲ୍‌ଫ ଡ୍ରାଇଭ୍ ଆଳରେ ଅପରାଧ ରଚିବା ବର୍ତ୍ତମାନ ଅପରାଧୀଙ୍କ ପାଇଁ ଏକ ସୁବିଧା ଉପାୟ ପାଲଟିଛି। କାର ଲୁଟର ଏହି ନୂଆ ଧାରା ଏବେ ଗାଡ଼ି ମାଲିକ ଠାରୁ ଆରମ୍ଭ କରି ଟ୍ରାଭେଲ ଏଜେନ୍ସି ମାଲିକ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଅଡୁଆ ସୃଷ୍ଟି କରିଥିବା ବେଳେ ଏହାକୁ ରୋକିବା କମିସନରେଟ ପୁଲିସ ପାଇଁ ବଡ଼ ଆହ୍ୱାନ ପାଲଟିଛି।

- ଭୁବନେଶ୍ୱରରୁ ନେଇ ଆସିକାରେ ବିକିଲେ
- ଲୋଭରେ ପଡ଼ି ଗାଡ଼ି ହରାଉଛନ୍ତି ମାଲିକ



ସୂଚନା ଅନୁସାରେ, ଭରତପୁର ଥାନା ଅଧୀନସ୍ଥ କଳିଙ୍ଗନଗରର ରଜତ ନାୟକ ସ୍ଥାନୀୟ ଅଞ୍ଚଳରେ ଏକ ସେଲ୍‌ଫ ଡ୍ରାଇଭ୍ ଜୋନ୍ କରିଛନ୍ତି। ୟୁନିଟ୍-୨ ରେ ରହୁଥିବା ତିର୍ତ୍ତୋଲ ଥାନା ଡାଇଁଲୋ ଗାଁର ଶୁଭାଶିଷ ମହାପାତ୍ର ଗତ ଫେବୃୟାରୀ ୧୮ ତାରିଖରେ ଉକ୍ତ ସେଲ୍‌ଫ ଡ୍ରାଇଭ୍ ଜୋନରୁ ଏକ କ୍ରେଟା କାର୍ ଭଡ଼ାରେ ନେଇଥିଲେ। ଶୁଭାଶିଷ ଗାଡ଼ି ନେବା ପରେ କିଛିଦିନ ପର୍ଯ୍ୟନ୍ତ ମଧ୍ୟ ନିୟମିତ ଯୋଗାଯୋଗରେ ରହିଥିଲା। ହେଲେ ବର୍ତ୍ତମାନ କାର ଭଡ଼ା ନେବାର ପ୍ରାୟ ୪ ମାସ ବିତି ଯାଇଥିଲେ ମଧ୍ୟ ଶୁଭାଶିଷ ଭଡ଼ା ଦେଉନାହିଁ କି ଗାଡ଼ି ମଧ୍ୟ ଫେରାଉ ନାହିଁ। ତେବେ ଶୁଭାଶିଷ ଉକ୍ତ ଗାଡ଼ିକୁ ବେଆଇନ ଭାବେ ଆସ୍କା ଅଞ୍ଚଳରେ ବିକ୍ରି କରି ଦେଇଥିବା ରଜତ ଜାଣିବାକୁ ପାଇଥିଲେ। ଜିପିଏସ୍ ମାଧ୍ୟମରେ ଗାଡ଼ି କିଣିଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ବ୍ୟାଟେରି ସଂଯୋଗ ବିଚ୍ଛିନ୍ନ କରିଦେବାରୁ ତାହା ସମ୍ଭବ ହୋଇପାରିନାହିଁ। ଆଉ କୌଣସି ଉପାୟ ନ ପାଇ ରଜତ ଏନେଇ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି।

ତେବେ ଇଏ ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ଅନେକ ଉଦାହରଣ ହୋଇଛି। ରାହୁଲ ଓ ପ୍ରୀତମ ନାମକ ଦୁଇ ବଙ୍ଗୀୟ ଶ୍ୟାମପୁର ଛକରେ ଥିବା ସେଲ୍‌ଫ ଡ୍ରାଇଭ୍ ଜୋନରୁ କୋଲକାତା ଯିବା ଲାଗି ଦୁଇଟି କାର ଭଡ଼ାରେ ନେଇଥିଲେ। ଭଡ଼ା ନେବାର ୩ ଦିନ ପରେ ଫୋନ ସୁଇଚ ଅଫ କରି ଦେଇଥିଲେ। ରାହୁଲ ଓ ପ୍ରୀତମ ମିଶି ଦୁଇଟି ଯାକ ଭଡ଼ା କାରକୁ ମଣିପୁରର ରଣବୀର ସିଂହ ଓ ସନ୍ତୋଷ ସିଂହକୁ ବିକ୍ରି କରି ଦେଇଥିଲେ। ପୁଲିସ ରଣବୀର ଓ ସନ୍ତୋଷକୁ ଗିରଫ କରିବା ସହିତ ତାଙ୍କ ଠାରୁ ଗୋଟିଏ କାର ଜବତ କରିଥିଲା।

### କାମ ଦେଉନି ଜିପିଏସ୍

ଗାଡ଼ି ମାଲିକମାନେ ଲୋକେସନ ଜାଣିବା ଲାଗି ଗାଡ଼ିରେ ଜିପିଏସ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ଲଗାଉଛନ୍ତି। ନିଜ ମୋବାଇଲ ଫୋନରେ ଆପ୍ଲିକେସନ ଇନଷ୍ଟାଲ କରି ସହଜରେ ଗାଡ଼ିର ଅବସ୍ଥିତି ବିଷୟରେ ସବିଶେଷ ସୂଚନା ପାଉଛନ୍ତି। ତେବେ କାର ଗୁଡ଼ିକର ବ୍ୟାଟେରି ପାଖରେ ଓ ଷ୍ଟିଅରିଂ ବାକ୍ସ ତଳେ ଜିପିଏସ ମେସିନ ଲଗାଯାଉଛି। ଏତେ ବ୍ୟବସ୍ଥା ପରେ ମଧ୍ୟ ଚକମା ଦେଉଛନ୍ତି ଲୁଟେରା। ଚୋରି ବା ଅପରାଧରେ ବ୍ୟବହାର କରିବା ପୂର୍ବରୁ ଜିପିଏସ ମେସିନରୁ ସଂଯୋଗ ବିଚ୍ଛିନ୍ନ କରିବା ପରେ ତାକୁ ଫୋପାଡ଼ି ଦେଉଛନ୍ତି। ଫଳରେ କାର୍ ମାଲିକ ବା ଟ୍ରାଭେଲ ଏଜେନ୍ସି ମାଲିକମାନେ ଗାଡ଼ିର ସ୍ଥିତି ବିଷୟରେ ସୂଚନା ପାଇ ପାରୁନାହାଁନ୍ତି। ରାହୁଲ ଓ ପ୍ରୀତମ ହୁଅନ୍ତୁ ଅବା ଶୁଭାଶିଷ, ଉଭୟ ଜିପିଏସ୍ ବାହାର କରି ମନ୍ଦ ଉଦ୍ଦେଶ୍ୟରେ ସଫଳ ହୋଇଛନ୍ତି। ଫଳରେ ଟ୍ରାଭେଲ୍ ଏଜେନ୍ସି ବା ସେଲ୍‌ଫ ଡ୍ରାଇଭ୍ ମାଲିକ ଆଉ କାର୍‌କୁ ଟ୍ରାକ କରିପାରୁ ନାହାଁନ୍ତି।

### ଢାଲ ସାଜିଛି ନକଲି ଆଧାର କାର୍ଡ

ବର୍ତ୍ତମାନ ବେସରକାରୀ ଠାରୁ ଆରମ୍ଭ କରି ସରକାରୀ କାମ ଯାଏଁ ସବୁ କ୍ଷେତ୍ରରେ ଆଧାର କାର୍ଡ ଆବଶ୍ୟକତା ରହିଛି। ଆଧାର କାର୍ଡ ଦ୍ୱାରା ସମସ୍ତ କାମରେ ସ୍ୱଚ୍ଛତା ରହିବା ସହିତ ସହଜ ସୁବିଧାରେ ହୋଇପାରୁଛି। ଆଧାର ନମ୍ବର ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ତଥ୍ୟ ମିଳିପାରୁଛି। ହେଲେ ଅପରାଧ ପରେ ଖସିବା ପାଇଁ ନକଲି ଆଧାର କାର୍ଡକୁ ଢାଲ କରିଛନ୍ତି ଅପରାଧୀ। ନିଜ ଫଟୋ ଲଗାଇ ନକଲି ଆଧାର କାର୍ଡ ତିଆରି କରୁଛନ୍ତି। ସେମାନେ ଦେଉଥିବା ଆଧାର କାର୍ଡରେ କେବଳ ଫଟୋକୁ ବାଦ୍ ଦେଲେ ବାକି ସମସ୍ତ ତଥ୍ୟ ଅନ୍ୟ ବ୍ୟକ୍ତିଙ୍କର ରହୁଛି। ଫଳରେ ସେମାନଙ୍କୁ ଠାବ କରିବା ପୁଲିସ ପାଇଁ କାଠିକର ପାଠ ହୋଇ ଯାଉଛି। ଶ୍ୟାମପୁର ସେଲ୍‌ଫ ଡ୍ରାଇଭ୍ ଜୋନରୁ ରାହୁଲ ଓ ପ୍ରୀତମ କାର ଭଡ଼ାରେ ନେବାବେଳେ ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ମୋବାଇଲ ନମ୍ବର ଦେଇଥିଲେ। ହେଲେ ସେଗୁଡ଼ିକ ନକଲି ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଆଧାର କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସରେ ଦିଆଯାଇଥିବା ଠିକଣାରେ ଅନ୍ୟ ବ୍ୟକ୍ତିଙ୍କୁ ପାଇଥିଲା ପୁଲିସ। ଦିଆଯାଇଥିବା ମୋବାଇଲ ନମ୍ବର ମଧ୍ୟ ଅନ୍ୟ ବ୍ୟକ୍ତିଙ୍କ ନାମରେ ଥିବା ଜଣାପଡ଼ିଥିଲା।

## ୫୭ ମାସ ପରେ ଡକାୟତ ଗିରଫ

ଭୁବନେଶ୍ୱର, ୨୫।୬ (ସମିସ): ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ହେଲେ ଅନ୍ଧାରରେ ପୁଲିସକୁ ଚକମା ଦେଇ ଖସି ପଳାଇଥିଲା। ସେହି ଡକାୟତକୁ ୫୭ ମାସ ପରେ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନାଗେଶ୍ୱର ଟାଙ୍ଗୀରେ ରହୁଥିବା ବାଙ୍କୀ ଅନ୍ଧାରୁଆର ସୁଶାନ୍ତ ବେହେରା ଓରଫ୍ ଡାଡୁନ୍ (୩୨)।

ପୁଲିସ ସୂଚନା ଅନୁସାରେ, ୨୦୨୦ ମସିହା ସେପ୍ଟେମ୍ବର ୧୮ ତାରିଖ ରାତିରେ ସାମନ୍ତରାପୁର ଭୁଆସୁଣୀ ମନ୍ଦିର ନିକଟରେ ଡକାୟତି ଯୋଜନା ଚାଲିଥିବା ଖବରପାଇ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରୁ ୪ ଜଣଙ୍କୁ ଗିରଫ କରି ଛୁରି ଓ ଲୁହାଛଡ଼ ଜବତ କରିଥିଲା। ହେଲେ ଡାଡୁନ୍, ବୁବୁ ଓ ଅନ୍ୟମାନେ ଅନ୍ଧାରରେ ଖସି ପଳାଇଥିଲେ। ଗତ ୨୦୨୩ ମସିହା ମେ ମାସରେ ବୁବୁକୁ ଗିରଫ କରାଯାଇଥିଲା। ହେଲେ ଡାଡୁନ୍ ଗିରଫଦାରୀ ଏଡ଼ାଇବାକୁ ଘଟଣା ପରଠାରୁ ଫେରାର ରହିଥିଲା। ଗତକାଲି ପୁଲିସ ନାଗେଶ୍ୱର ଟାଙ୍ଗୀରେ ଚଢ଼ଉ କରି ଡାଡୁନକୁ ଗିରଫ କରିଥିଲା। ଡାଡୁନ୍ ନାମରେ ଭରତପୁର, ଖଣ୍ଡଗିରି, ବଡ଼ଗଡ଼, ଶ୍ରୀ ଲିଙ୍ଗରାଜ ଓ ସହିଦନଗର ଭଳି ବିଭିନ୍ନ ଥାନାରେ ଚୋରି, ଡକାୟତି ଓ ଅପରାଧିକ ଷଡ଼ଯନ୍ତ୍ର ଭଳି ୧୧ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

### ପୁଲିସ ପଞ୍ଝାରେ ବିହାରୀ ମହିଳା ଲୁଟେରା

## ବ୍ଲାଉଜ୍ ଭିତରୁ ବାହାରିଲା ଟଙ୍କା



ଭୁବନେଶ୍ୱର, ୨୫।୬ (ସମିସ): ଚଳନ୍ତା ବସରେ ଲୁଟ୍ ପାଟ କରୁଥିବା ଦୁଇ ବିହାରୀ ମହିଳାଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ମହିଳା ହେଲେ ପାଟନା ଜିଲ୍ଲା ଗରଦାରିବାଗ ଜିଲ୍ଲା ଫୁଲୱାରୀ ଗାଁର ଜ୍ୟୋତି ଦେବୀ (୨୫) ଓ ରାଣୀ ଦେବୀ (୨୦)।

ପୁଲିସ ସୂଚନା ଅନୁସାରେ, ବୁଧବାର ସକାଳେ କ୍ରିଷ୍ଣାମୟୀ ନାୟକ ବସ୍ ଯୋଗେ ପୁରୀରୁ କଟକ ଅଭିମୁଖେ ଯାଉଥିଲେ। ବସ୍ କଳ୍ପନା ଛକ ନିକଟରେ ପହଞ୍ଚିବା ବେଳକୁ ପାଖରେ ବସିଥିବା ଜ୍ୟୋତି ତାଙ୍କ ଭ୍ୟାନିଟି ବ୍ୟାଗ ଭିତରେ ହାତ ବୁଲାଉଥିବାର ଦେଖିଥିଲେ। ହଠାତ ସେ ଜ୍ୟୋତିଙ୍କ ହାତ ଧରି ଜୋରରେ ଚିତ୍କାର କରିଥିଲେ। ସହଯାତ୍ରୀଙ୍କ ସହାୟତାରେ ଦୁଇ ମହିଳାଙ୍କୁ କାବୁ କରି ପିସିଆର୍ ଭ୍ୟାନକୁ ହସ୍ତାନ୍ତର କରିଥିଲେ। ଭାନିଟି ଯାଞ୍ଚ ପରେ ତାଙ୍କର ଗୋଟିଏ ସୁନା ମୁଦି, ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ହାର ଓ ୨ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ କ୍ରିଷ୍ଣାମୟୀ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଜଣେ ମହିଳା କନେଷ୍ଟବଲ ତଲାସି କରି ଜ୍ୟୋତିଙ୍କ ପର୍ସରୁ ଗୋଟିଏ ସୁନା ମୁଦି, ଗୋଟିଏ ସୁନା ଚେନ ଓ ଗୋଟିଏ ସୁନା ହାର ଜବତ କରିଥିଲେ। ସେହିପରି ରାଣୀଙ୍କ ବ୍ଲାଉଜ୍ ଭିତରୁ ୨ ହଜାର ଟଙ୍କା ନଗଦ ଉଦ୍ଧାର କରାଯାଇଥିଲା। ଜବତ ଜିନିଷ ଗୁଡ଼ିକୁ ପୁଲିସ କ୍ରିଷ୍ଣାମୟୀଙ୍କୁ ଜିମ୍ମା ଦେଇଥିଲା।

### ଜୟପ୍ରକାଶଙ୍କୁ ଏମିତି ସମ୍ମାନ

## ଦିନରେ ଭୁଲିଗଲେ; ରାତିରେ ମନେ ପକାଇଲେ





ଭୁବନେଶ୍ୱର, ୨୫।୬(ସମିସ): ସିଂହାସନ ଖାଲି କର, ଜନତା ଆସୁଛନ୍ତି। ଏ ଥିଲା ସେଦିନର ଜେପିଙ୍କ ଅଗ୍ନିବର୍ଷି ଉଦ୍‌ବୋଧନ। ଜେପି ତଥା ଜୟ ପ୍ରକାଶ ନାରାୟଣ। ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତି ଘୋଷଣାକୁ ବିରୋଧ କରି ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆଗେଇ ଆସିଥିଲେ ଜନନାୟକ ଜୟ ପ୍ରକାଶ ନାରାୟଣ। ମିସା ଆଇନ ବଳରେ ଅନ୍ୟାନ୍ୟ ତୁଙ୍ଗ ସଂଗଠକଙ୍କ ସହ ସେ ବି କାରାବରଣ ଭୋଗିଥିଲେ। ଦେଶର ସମ୍ବିଧାନକୁ ବଞ୍ଚାଇବା ପାଇଁ ନିଜକୁ ବାଜି ଲଗାଇ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ।

୨୫ଜୁନ୍ ୧୯୭୫ରେ ଦେଶରେ ଘୋଷଣା ହୋଇଥିଲା ଜରୁରିକାଳୀନ ପରିସ୍ଥିତି। ଏଇ ଦିବସକୁ ସମ୍ବିଧାନ ହତ୍ୟା ଦିବସ ଭାବରେ ପାଳନ କରାଯାଉଛି। ହେଲେ ବିଡ଼ମ୍ବନାର କଥା ହେଲା ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଥିବା ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା। ସେଥିପ୍ରତି କାହାର ନିଘା ନଥିଲା। ତେବେ ସାରାଦିନ ଜୟପ୍ରକାଶଙ୍କ ପ୍ରତିମୂର୍ତ୍ତି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିବା ପରେ ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଶାସକ ଦଳର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

ବୁଧବାର ସାରାଦିନ ପ୍ରତିମୂର୍ତ୍ତି ଚାରିପାଖରେ ଅଳିଆ ସହ ତା ଉପରେ ଅପରିଷ୍କାର କପଡ଼ା ଆଦି ପଡ଼ି ରହିଥିଲା। ଏମର୍ଜେନ୍ସିର ସ୍ମୃତି ରୋମନ୍ଥନ କରିବା ପାଇଁ ସରକାର ଓ ଶାସକ ଦଳ ଚଳିତ ବର୍ଷ ଜୁନ୍ ୨୫କୁ ଗଣତନ୍ତ୍ରର ହତ୍ୟା ଦିବସ ଭାବେ ପାଳନ କରୁଥିବା ବେଳେ ଜୟପ୍ରକାଶ ନାରାୟଣଙ୍କୁ କିନ୍ତୁ ସବୁ ଭୁଲି ଯାଇଥିଲେ। ସଭା ସମିତିରେ ଜୟପ୍ରକାଶଙ୍କ ଜୟଗାନ କରାଯାଇଥିବାବେଳେ ଏପଟେ ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ କିନ୍ତୁ ଫୁଲଟିଏ ଦେବାକୁ ଭୁଲି ଯାଇଥିଲେ। ପ୍ରତିମୂର୍ତ୍ତି ଚାରିପଟେ ଅଳିଆ ଏବଂ ନିଶାଡିଙ୍କ ଆଡ୍ଡା କରିବାକୁ ବେଫିକର ଭାବେ ଛାଡି ଦେଇଥିଲେ। ପ୍ରତିମୂର୍ତ୍ତି ନିକଟରେ ଅଳିଆ ଗଦା ଜମି ଥିବାବେଳେ ମୂର୍ତ୍ତି ରହିଥିବା ପିଣ୍ଡି ଉପରେ ବ୍ୟବହୃତ ଛିଣ୍ଡା କପଡ଼ା ପଡ଼ିଛି। ଏହା ତଳେ ବସି ନିଶାଡ଼ିମାନେ ବ୍ରାଉନ ସୁଗାର, ଗଞ୍ଜାଇ ଭଳି ନିଶା ସେବନ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଜଣେ ଗାନ୍ଧୀବାଦୀ କର୍ମୀ ପ୍ରହ୍ଲାଦ ସିଂହ ଦିନ ଗୋଟାଏ ବେଳେ ପ୍ରତିମୂର୍ତ୍ତିର ପାଦ ତଳେ ସୂତା ମାଳଟିଏ ଦେଇଥିବାବେଳେ ଏହି ଘଟଣା ନେଇ ବିଭିନ୍ନ ମହଲରୁ ଅସନ୍ତୋଷ ବ୍ୟକ୍ତ କରାଯିବା ପରେ ରାତିରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଭୁବନେଶ୍ୱର, ୨୫।୬ (ସମିସ): ଆଜି ବିଳମ୍ବିତ ରାତିରେ ୧୬ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ସିଆରପି ଫ୍ଲାଏଓଭରରେ ଏଭଳି ଘଟଣା ଘଟିଥିବା ବେଳେ ମୃତକଙ୍କ ପରିଚୟ ମିଳିପାରିନାହିଁ।

ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ସାଢେ ୧୧ଟା ସମୟରୁ ଜଣେ ବାଇକ୍ ଆରୋହୀ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସେ ସିଆରପି ଫ୍ଲାଏ ଓଭର ଉପର ତଥା ଜ୍ୟୋତି ମୋଟର ସାମ୍ନାରେ ପାଇଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡ ବେଶୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଜାତୀୟ ରାଜପଥରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମୃତ ଶରୀରକୁ କ୍ୟାପିଟାଲ ହସପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ସେପଟେ ଘଟଣାସ୍ଥଳରୁ ବାଇକ୍ ଆରୋହୀଙ୍କ ପରିବା ବ୍ୟାଗ, ମୋବାଇଲ ଫୋନ ଜବତ କରାଯାଇଛି। ବିଳମ୍ବିତ ରାତ୍ରିରେ ଦୁର୍ଘଟଣା ଘଟାଇଥିବା କାର୍ ଡ୍ରାଇଭରକୁ ପୁଲିସ ଅଟକ ରଖି ପଚରା ଉଚରା କରୁଛି। ମୋବାଇଲ ମାଧ୍ୟମରେ ତାଙ୍କ ପରିବାର ପାଖରେ ପହଞ୍ଚିବାକୁ ପୁଲିସ ଉଦ୍ୟମ ଚଳାଇଛି।

### ଲଗାଣ ବର୍ଷା



ବମିଖାଲ ଫ୍ଲାଏ ଓଭର

ଫଟୋ: ଦୀପକ

## ଦିନିକିଆ ରିମାଣ୍ଡରେ ଆଫଗାନ ନାଗରିକ

ଭୁବନେଶ୍ୱର, ୨୫।୬ (ସମିସ): ବେଆଇନ ଭାବେ ଭାରତରେ ରହି ଗିରଫ ହୋଇଥିବା ଆଫଗାନ ନାଗରିକ ମହମ୍ମଦ ୟୁସୁଫକୁ ଦିନିକିଆ ରିମାଣ୍ଡରେ ଆଣିଛି ଏୟାରପୋର୍ଟ ଥାନା ପୁଲିସ। ଆଜିଠାରୁ ତା'କୁ ଦିନିକିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ସେ କିପରି ଜାଲି ପାସପୋର୍ଟ ହାତେଇଲା ସେନେଇ ଖୋଳତାଡ଼ କରୁଛି। ଜାଲି ପାସପୋର୍ଟ ତିଆରି କରିବାରେ ୟୁସୁଫକୁ ସହଯୋଗ କରିଥିବା ବ୍ୟକ୍ତି ସମ୍ପର୍କରେ ପୁଲିସକୁ ସୁରାକ ମିଳିଛି। ଏଥିସହିତ ଆଉ କେତେଜଣ ଏଭଳି ଜାଲିଆତି କରି ରହି ବେଆଇନ ଭାବେ ରହି ଆସୁଛନ୍ତି ସେସବୁ ଦିଗକୁ ନେଇ ମଧ୍ୟ ତଦନ୍ତ କରୁଛି। ସବୁଠାରୁ ବଡ଼ କଥା ହେଉଛି, କେଉଁ ଉଦ୍ଦେଶ୍ୟରେ ସେ ବେଆଇନ ଭାବେ ନାମ ବଦଳାଇ ରହୁଥିଲା ସେ ସମ୍ପର୍କରେ ମଧ୍ୟ ପଚରାଉଚରା କରାଯାଉଛି।

ଗତ ୨୦ ତାରିଖ ଦିନ ୟୁସୁଫ୍ ବିମାନ ଯୋଗେ ଦୁବାଇରୁ ଭୁବନେଶ୍ୱରର ବିମାନବନ୍ଦରରେ ପହଞ୍ଚିଥିଲା। କଟକର ମୋତି ଖାନଙ୍କ ପୁଅ ଯାହା ଖାନଙ୍କ ନାମରେ ଏକ ନକଲି ଭାରତୀୟ ପାସପୋର୍ଟ ଦେଖାଇଥିଲା। ଇମିଗ୍ରେସନ୍ କ୍ଲିୟରାନ୍ସ ସମୟରେ ତା' ଉପରେ ସନ୍ଦେହ କରିଥିଲେ ଅଧିକାରୀ। ଇମିଗ୍ରେସନ୍ ଅଧିକାରୀ ଓ କର୍ମଚାରୀମାନେ ବିସ୍ତୃତ ଯାଞ୍ଚ କରିବା ପରେ ଉକ୍ତ ପାସ୍‌ପୋର୍ଟ ନକଲି ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତ ବିରୋଧରେ କୋଲକାତା ବିମାନବନ୍ଦରରୁ ଏକ ଡିସ୍ଟ୍ରିକ୍ଟ ଏଲ୍‌ଓସି ଜାରି କରାଯାଇଥିଲା। ଯାହା ଖାନର ପ୍ରକୃତ ନାମ ମହମ୍ମଦ ୟୁସୁଫ୍ ହୋଇଥିବା ବେଳେ ସେ ଜଣେ ଆଫଗାନ ନାଗରିକ ବୋଲି ଜଣାପଡ଼ିଥିଲା। ସେ ୨୦୨୮ ମସିହାରେ ମୂଳ ପାସପୋର୍ଟ ନଂ -୦୨୪୫୭୬୫୫ ଧରି ବେଆଇନ ଭାବରେ ଭାରତରେ ପ୍ରବେଶ କରିଥିଲା। ଏଠାରେ କଟକର ମୋତି ଖାଁଙ୍କ ପୁଅ ଯାହା ଖାନ ନାମରେ ଏକ ନକଲି ଭାରତୀୟ ପରିଚୟ ଗ୍ରହଣ କରିଥିଲା। ଜାଲ ଦସ୍ତାବିଜ୍ ବ୍ୟବହାର କରି ଆଧାର, ପ୍ୟାନ୍, ଭୋଟର ପରିଚୟପତ୍ର, ଡ୍ରାଇଭିଂ ଲାଇସେନ୍ସ ଏବଂ ପାସ୍‌ପୋର୍ଟ ଭଳି ଭାରତୀୟ ପରିଚୟପତ୍ର ହାତେଇ ଥିଲା। ନିଜର ପ୍ରକୃତ ପରିଚୟ ଲୁଚାଇ କଟକରେ ରହୁଥିବା ବେଳେ ରାଜ୍ୟ ବାହାରକୁ ଯାତ୍ରା କରିବା ପାଇଁ ମଧ୍ୟ ଜାଲ ପାସ୍‌ପୋର୍ଟର ବ୍ୟବହାର କରୁଥିଲା। ତା' ନିକଟରୁ ବିଭିନ୍ନ ଭାରତୀୟ ଓ ବିଦେଶୀ ମୁଦ୍ରା, ଜାଲ୍ ଆଧାର, ଭୋଟର ଆଇଡି, ଗୋଟିଏ ମୋବାଇଲ ଫୋନ୍ ଆଦି ଜବତ କରାଯାଇଥିଲା। ଏହା ବ୍ୟତୀତ, କରିଥିଲା। ଆସନ୍ତାକାଲି ରିମାଣ୍ଡ ଅବଧି ସରିବା ପରେ ତା'କୁ କୋର୍ଟରେ ହାଜର କରାଯିବ ବୋଲି ପୁଲିସ କହିଛି।

# ରଥ ଦୁଇ ପଟେ ଦଉଡ଼ି ବନ୍ଧା

ଭୁବନେଶ୍ୱର, ୨୫।୬ (ସମିସ): ଆଉ ଦିନକ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିଲାଗି ସାରା ପଲ୍ଲୀ ଠାରୁ ଦିଲ୍ଲୀ ଯାଏଁ ଉତ୍ସବମୁଖର। ତେବେ ରାଜଧାନୀ ଉପକଣ୍ଠରେ ଏମିତି ଏକ ଗାଁ ଅଛି, ଯେଉଁଠାରେ ରଥର ଦୁଇ ପଟେ ଦଉଡ଼ି ଲଗାଇବାକୁ ପଡ଼ିଥାଏ। ସେଭଳି ଏକ ଗାଁ ହେଉଛି ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ପଧାନସାହି ପଞ୍ଚାୟତର ପାଞ୍ଚଗାଁ। ଜଗନ୍ନାଥଙ୍କ ମନ୍ଦିର ପାହାଡ଼ ଉପରେ ହୋଇଥିବାରୁ ରଥଯାତ୍ରାରେ ରଥକୁ ପଛପଟୁ ଭିଡ଼ିବାକୁ ପଡ଼ିଥାଏ। ସୁନ୍ଦରପଦା ଠାରୁ ଜଟଣୀ ଆଡ଼କୁ ପ୍ରାୟ ୮ କିଲୋମିଟର ଗଲେ ପଡ଼େ ପାଞ୍ଚଗାଁ ଛକ।

### ଉପକଣ୍ଠରେ ନିଆରା ରଥଟଣା; ଏଥର ଗଡ଼ିବ ୩ ରଥ

ସେହି ଛକର ଟିକେ ଆଗରୁ ବାମ ପଟକୁ ଗଲେ ପଡ଼ିଥିବା ରାସ୍ତାରେ ଗଲେ ପଡ଼େ ଲବଣଗିରି ପାହାଡ଼। ପାହାଡ ଉପରେ ରହିଛି ଲବଣେଶ୍ୱର, ଜଗନ୍ନାଥ ଓ ଅନ୍ୟାନ୍ୟ ଦେବାଦେବୀଙ୍କ ମନ୍ଦିର। ୨୦୦୦ ମସିହା ପରଠାରୁ ଏଠାରେ ରଥଯାତ୍ରା ପାଳନ ହୋଇ ଆସୁଛି। ପୂର୍ବରୁ ଗୋଟିଏ ରଥ ଟଣା ହେଉଥିବା ବେଳେ ଚଳିତବର୍ଷ ଠାରୁ ୩ଟି ରଥ ଟଣା ଯିବାକୁ ନିଷ୍ପତି ହୋଇଛି। ୩ ରଥ ନିର୍ମାଣ ଶେଷ ସ୍ପର୍ଶ ପାଉଥିବା ବେଳେ ଅନ୍ତିମ ପର୍ଯ୍ୟାୟର ପହଞ୍ଚିଛି ପ୍ରସ୍ତୁତି। ଶ୍ରୀ ଜଗନ୍ନାଥ, ସୁଭଦ୍ରା ଓ ବଡ଼ ଠାକୁର ବଳଭଦ୍ର ୩ ରଥରେ ବିରାଜମାନ ହୋଇ ପାଞ୍ଚଗାଁସ୍ଥିତ ମାଉସୀମା ମନ୍ଦିରକୁ ଯାଇଥାନ୍ତି।

ରଥ ପାହାଡ଼ ଉପରୁ ପ୍ରାୟ ୮ଶହ ମିଟର ତଳକୁ ଆସୁଥିବାରୁ ରଥଯାତ୍ରା ଦିନ ଭକ୍ତମାନେ ଉଭୟପଟରେ ଦଉଡ଼ି



ଲଗାଇ ନିୟନ୍ତ୍ରଣ କରି ରଥ ଗଡ଼ାଇ ଥାଆନ୍ତି। ରଥଟି ଉଚ୍ଚଚ ପାହାଡ଼ରୁ ସ୍ଥାନରୁ ତଳକୁ ତଳକୁ ଆସୁଥିବାରୁ ହଠାତ୍ ବେଗ ବଢ଼ିଯିବା ଆଶଙ୍କା କରି ରଥର ପଛପଟେ ମଧ୍ୟ ଦଉଡ଼ି ଲଗାଇ ଭିଡ଼ି ଧରିଥାଆନ୍ତି। ପାହାଡ଼ ତଳକୁ ଆସିବା ପରେ ପାଞ୍ଚଗାଁ ଗାଁ ଭିତରେ ଥିବା ମାଉସୀମା ମନ୍ଦିରକୁ ଯିବେ। ସେହିପରି ବାହୁଡ଼ା ଦିନ ଭକ୍ତମାନେ ରଥକୁ ଆଗପଟରୁ ଟାଣୁଥିବା ବେଳେ ଅନେକ ଭକ୍ତ ରଥକୁ ପଛ ପଟରୁ ଠେଲି ଠେଲି ନିଅନ୍ତି। ବାହୁଡାରେ ରଥ ପାହାଡ ଉପରକୁ ଯାଉଥିବାରୁ ଆବଶ୍ୟକସ୍ଥଳେ ଜେସିବି ମେସିନ ଓ ଟ୍ରାକ୍ଟରର ସାହାଯ୍ୟ ଠେଲି ନିଆ ଯାଇଥାଏ। ଆଉ କିଛି ଭକ୍ତ ରଥର ପଛ ଚକ ତଳକୁ କାଠଗଣ୍ଡି ପକାଇ ନିୟନ୍ତ୍ରଣ କରିଥାନ୍ତି। ଏଭଳି ନିଆରା ରଥ ଟାଣିବାକୁ ବିଭିନ୍ନ ଧଉଳି ଠାରୁ ପାହାଳ, ନନ୍ଦନକାନନ ଠାରୁ ତମାଣ୍ଡୋ ଏମିତିକି ରାଜଧାନୀ ବାହାରରୁ ମଧ୍ୟ ଭକ୍ତଙ୍କ ସୁଅ ଲବଣଗିରି ପାହାଡକୁ ଛୁଟିଥାଏ।

### କିମ୍ବଦନ୍ତୀରେ ଲବଣାସୁର

କିମ୍ବଦନ୍ତୀ ଅନୁସାରେ, ତ୍ରେତୟା ଯୁଗରୁ ରହିଥିବା ଏହି ଲବଣଗିରି ପାହାଡ଼ର ଶିବ ପୁରାଣ ଓ ଏକାମ୍ର ପୁରାଣ ସହିତ ସଂଯୋଗ ରହିଛି। ଲବଣଗିରି ପାହାଡ଼ଟି ଲବଣାସୁରର ଦୁର୍ଗ ଥିଲା ବୋଲି କୁହାଯାଏ। ସକାଳୁ ଉଠିବା ପରେ ଲବଣାସୁର ସେଠାରେ ଯୋଗ କରିବା ସହିତ ସୂର୍ଯ୍ୟଙ୍କୁ ଦର୍ଶନ କରେ। ଲବଣାସୁର ସେହି ଦୁଗର୍ରୁ ବୀରବନ୍ଧ ଦେଇ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଏ। ସେହି ପାହାଡ଼ରେ ହିଁ ଲବଣାସୁର ସହିତ ଶତ୍ରୁଘ୍ନଙ୍କ ସହ ଲଢେଇ ହୋଇଥିଲା। ଯେଉଁଥିରେ କି ଲବଣାସୁର ନିହତ ହୋଇଥିଲା। ଲବଣଗିରିରୁ ପୁରାତନ ଯୁଗର କମଣ୍ଡଳୁ ମିଳିଥିଲା। ଯାହାକୁ କି ଆଜି ଯାଏଁ କେହି ପାଞ୍ଚ ଆଙ୍ଗୁଳିରେ ଧରି ପାରିନାହାନ୍ତି। ଲବଣଗିରି ପାହାଡ ଲବଣଗିରି ଉନ୍ନୟନ ପରିଚାଳନା କମିଟିର ସଦସ୍ୟଙ୍କ କହିବା ଅନୁଯାୟୀ, ସ୍ଥାନୀୟ ଲୋକେ ପ୍ରାୟ ୨୫ ବର୍ଷ ପୂର୍ବେ ପାହାଡ଼ ଉପରେ ଜଗନ୍ନାଥ ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେତେବେଳେ ସେଠାରେ ବିରାଟ କୁଦ ଓ ଟାବୁ ଥିଲା। ଆଶ୍ରମ ପାଇଁ ଟାବୁରୁ ମାଟି ଖୋଳୁଥିବା ବେଳେ ଶାବଳରେ ପଥର ବାଜିଥିଲା। ମାଟି ଖୋଳି ଦେଖିବା ବେଳକୁ ଦଧିନଉତି ତଥା ମନ୍ଦିରର ଚୂଡ଼ ଆକୃତିର ପଥର ମିଳିଥିଲା। ପଥର ମିଳିବା ପରେ ଆତ୍ମବିଶ୍ୱାସ ବଢ଼ିଲା ଓ ଏଠାରେ ଲବଣେଶ୍ୱର ଅଛନ୍ତି ବୋଲି ବିଶ୍ୱାସ ଆସିଲା। ସେବେଠାରୁ ପାହାଡ ଉପରେ ଲବଣେଶ୍ୱର ପୂଜା ପାଉଛନ୍ତି।



# ଭୁବନେଶ୍ୱର ସିଟି

## ଲୁଗା ଗୋଦାମରେ ନିଆଁ; ପୋଡ଼ିଗଲେ କର୍ମଚାରୀ

ଭୁବନେଶ୍ୱର, ୨୫।୬ (ସମିସ): କଳ୍ପନା ଛକସ୍ଥିତ ତାରିଣୀ ବସ୍ତ୍ରାଳୟର ଗୋଦାମରେ ବୁଧବାର ବିଳମ୍ବିତ ରାତିରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଲୁଗାପଟା ପୋଡ଼ି ନଷ୍ଟ ହୋଇ ଯାଇଥିବା ବେଳେ ଏଥିରେ ଜଣେ କର୍ମଚାରୀ ପୋଡ଼ି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ନାମ ଚନ୍ଦନ ବୋଲି ଜଣାଯାଇଛି।

**ନିଆଁ ଲିଭାଇଲେ ୫ ଦମକଳ ଗାଡ଼ି ଓ ୪୦ରୁ ଅଧିକ କର୍ମଚାରୀ**

ମିଳିଥିବା ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ସାଢେ ୧୦ଟା ସମୟରେ କଳ୍ପନା ଛକ ବୁଦ୍ଧ ନଗରସ୍ଥିତ ତାରିଣୀ ବସ୍ତ୍ରାଳୟର ଗୋଦାମରେ ହଠାତ୍ ନିଆଁ ଲାଗି ଯାଇଥିଲା। କେହି କିଛି ବୁଝିବା ଆଗରୁ ଦ୍ୱିତୀୟ ମହଲାର ନିଆଁ ତୃତୀୟ ମହଲାରେ ପହଞ୍ଚିଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ସ୍ଥାନୀୟ ଅଞ୍ଚଳରେ ଧୂଆଁ ଓ ନିଆଁ ବ୍ୟାପି ଯାଇଥିଲା। ଫଳରେ ସ୍ଥାନୀୟ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ଲୋକଙ୍କ ଠାରୁ ଖବରପାଇ ପ୍ରଥମେ କଳ୍ପନା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ନିଆଁ ଲିଭାଇବାକୁ ତାହା ଯଥେଷ୍ଟ ନ ଥିଲା। ଫଳରେ ଅନ୍ୟ ଅଗ୍ନିଶମ କେନ୍ଦ୍ରରୁ ସହଯୋଗ ମଗା ଯାଇଥିଲା। ଗୋଟିଏ ପରେ ଗୋଟିଏ ହୋଇ ପ୍ରାୟ ୫ଟି ଦମକଳ ଗାଡ଼ି ଘଟଣାସ୍ଥଳରେ



ପହଞ୍ଚିଥିଲା। ୫ ଦମକଳ ଗାଡ଼ି ଓ ୪୦ରୁ ଅଧିକ କର୍ମଚାରୀ ପ୍ରାୟ ୩ ଘଣ୍ଟାର ଉଦ୍ୟମ ପରେ ନିଆଁ ଆୟତ୍ତକୁ ଆସିଥିଲା। ତୃତୀୟ ମହଲାରୁ ତାରିଣୀ ବସ୍ତ୍ରାଳୟର ଜଣେ କର୍ମଚାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅଗ୍ନିଶମ ବାହିନୀ ଓ ପୁଲିସ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଅଗ୍ନିକାଣ୍ଡ ପରେ ସାଙ୍ଘାତିକ କଥା ପଦାକୁ ଆସିଛି। ଏତେ ବଡ଼ ସୋରୁମ୍ ତଥା ଗୋଦାମ ହୋଇଥିଲେ ମଧ୍ୟ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ଜଣାପଡ଼ିଛି। ଫଳରେ ସାଧାରଣ ନିଆଁ ଏତେ ବଡ଼ ଅଗ୍ନିକାଣ୍ଡରେ ପରିଣତ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଛୋଟମୋଟ ଦୋକାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହୁଥିବା ବେଳେ ଶାଢ଼ି ଗୋଦାମ କିଭଳି ଏଥିରେ ଖିଲାପ କରିଲେ, ସେନେଇ ଅଗ୍ନିଶମ ବିଭାଗ ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।

## ମୁକୁଳା ଡ୍ରେନ୍; ଦୁର୍ଘଟଣାକୁ ଆମନ୍ତ୍ରଣ

ଭୁବନେଶ୍ୱର, ୨୫।୬(ସମିସ): ପ୍ରତିଦିନ ମୁକୁଳା ଡ୍ରେନ ଲୋକଙ୍କ ପାଇଁ ବିପଦ ସାଜୁଥିବା ବେଳେ ବର୍ଷା ଦିନେ ଦୁର୍ଘଟଣାର ସଂଖ୍ୟା କ୍ରମଶଃ ବୃଦ୍ଧିପାଉଛି। ସେହିଭଳି ରାଜଧାନୀର ଅଧିକାଂଶ ସ୍ଥାନରେ କେଉଁଠି ଡ୍ରେନ କାମ ଅଧା ହେଇ ମୁକୁଳା ପଡ଼ିଛି ତ କେଉଁଠି ଅଧା ଭଙ୍ଗା ଅବସ୍ଥାରେ ପଡ଼ିଛି। ଫଳରେ ଯାତାୟତ ପାଇଁ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ଏପରିକି ଛୋଟ ପିଲାଙ୍କ ପାଇଁ ବର୍ଷା ଦିନେ ଏହି ମୁକୁଳା ଡ୍ରେନ ବିପଦ ସୃଷ୍ଟି କରୁଛି।

ଠିକ ସେହିଭଳି ଅବସ୍ଥା ଦେଖିବାକୁ ମିଳୁଛି ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ ରୋଡ୍‌ର ପାତ୍ରପଡ଼ାଠାରେ ଥିବା ଭି-ଟୁ ମଲ୍ ସମ୍ମୁଖ ଡ୍ରେନ। କୋଉଠି ମୁକୁଳା ତ କୋଉଠି ବଡ ବଡ଼ ଗାତ ସୃଷ୍ଟି ହୋଇଛି। ବର୍ଷା କାରଣରୁ ଏହା ଅଧିକ ସମସ୍ୟା ସୃଷ୍ଟି କରୁଥିବା ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି। ଅଧିକାଂଶ ସମୟରେ ସ୍କୁଲ କଲେଜ ପିଲାଙ୍କଠାରୁ ଆରମ୍ଭକରି ଅନେକ ବରିଷ୍ଠ ବ୍ୟକ୍ତି ମଧ୍ୟ ସେହି ବାଟ ଦେଇ ଯାଉଛନ୍ତି। ସମ୍ନାରେ ମଲ ଥିବା କାରଣରୁ ଜନଗହଳି ମଧ୍ୟ ପରିଲକ୍ଷିତ ହେଉଛି। ହେଲେ ଏହି ବିପଦପୂର୍ଣ୍ଣ ଡ୍ରେନର ମରାମତି କିମ୍ବା ନିର୍ମାଣ କାର୍ଯ୍ୟ ଏଯାଏଁ ହୋଇ ପାରୁନାହିଁ। ବର୍ଷା ପାଣି ଜମିଲେ ଗାତ ସ୍ପଷ୍ଟ ଜଣା ପଡୁନଥିବାବେଳେ ତାକୁ ସୂଚାଇବାକୁ କୌଣସି ବ୍ୟବସ୍ଥା ମଧ୍ୟ ହୋଇନାହିଁ। ତେଣୁ ଏହାକୁ ନେଇ କିଛି ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

**ରାଜପଥ କଡ଼ରେ ବିପଦ**



## ଲାଇଭ ମ୍ୟୁଜିକାଲ୍ କନ୍ସର୍ଟ 'ଦି ଜୁନୁନ୍'




ଭୁବନେଶ୍ୱର, ୨୫।୬(ସମିସ): ସଙ୍ଗୀତ ଅନୁଷ୍ଠାନ 'ଜାସ୍ ରିଦିମସ୍ ପ୍ରୋ' ପକ୍ଷରୁ ଲାଇଭ ମ୍ୟୁଜିକାଲ କନ୍ସର୍ଟ 'ଦି ଜୁନୁନ୍' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍ଗୀତ ସନ୍ଧ୍ୟାରେ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କାଇଜନ୍ ଗ୍ରୁପ୍(ସିଙ୍ଗାପୁର)ର ପରିଚାଳନା ନିର୍ଦ୍ଦେଶକ ସ୍ୱଦୀପ ଛୋଟରାୟ, ଅଭିନେତା ଓ ରାଜନେତା ଶ୍ରୀତମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଜାସ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱରନିର୍ବାଣ ଲାଇଭ ବ୍ୟାଣ୍ଡ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ସତ୍ୟଜିତ ପ୍ରତିହାରୀ, ଆର୍‌ଜେ ମନୀଷ, ବବି ରାଜ, ଶିଳ୍ପୀ ପତି, ଅଞ୍ଜନା ତ୍ରିପାଠୀ, ଗିରିଜା ମିଶ୍ର, ପରେଶ ମହନା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିଶାଠାରୁ ଦୂରେଇ ରହିବା ପାଇଁ ଜନସଚେତନତା

ଭୁବନେଶ୍ୱର, ୨୫।୬(ସମିସ): ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ ପକ୍ଷରୁ ନିଶା ସେବନ ବିରୁଦ୍ଧରେ ସଚେତନତା ସୃଷ୍ଟି ପାଇଁ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଜନ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ହାସ୍ୟ ଅଭିନେତା ଜ୍ଞାନ ବାରିକ, ସମାଜସେବୀ ସିଲୁ ସାହୁ, ବିନୋଦ ରାଉତ, ଅନୁପମା ବେହେରା, ମାନସ ସାହୁ, ମନୋଜ ପରିଚାଳନା କରିଥିଲେ।

## କଥା ଶିଳ୍ପୀ କନହେଇଲାଲ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଭୁବନେଶ୍ୱର, ୨୫।୬(ସମିସ): ବୁଧବାର ଗୀତଗୋବିନ୍ଦ ସଦନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କନହେଇଲାଲ ଦାସ ସ୍ମୃତି ସଂସଦର ମିଳିତ ସହଯୋଗରେ କନହେଇଲାଲ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଥଯଶା ସାହିତ୍ୟିକ ଡ. ଶାନ୍ତନୁ ଆଚାର୍ଯ୍ୟ ଯୋଗ ଦେଇ କନହେଇଲାଲ ଓଡ଼ିଆ ସାହିତ୍ୟର ଦିଗାବାରେଣୀ ଥିଲେ ବୋଲି କହିଛନ୍ତି। ସଂସଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନାମଧନ୍ୟ ଲେଖିକା ଡ. ଅପର୍ଣ୍ଣା ମହାନ୍ତି, ବିଶିଷ୍ଟ କଥାକାର ଡ. ଅଜୟ ସ୍ୱାଇଁ ଯୋଗ ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଓଡ଼ିଆ କଥା ସାହିତ୍ୟରେ କନହେଇଲାଲ ଏକ ପରିଚିତ ନାମ। ଓଡ଼ିଆ କଥା ସାହିତ୍ୟକୁ ସେ ଭିନ୍ନ ଢଙ୍ଗରେ ପରିବେଷଣ କରୁଥିଲେ। ପ୍ରାରମ୍ଭରେ ସଂସଦ ସମ୍ପାଦକ ଉତ୍ପଳ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଯୁବ କଥାକାର ସରୋଜ କୁମାର ବଳଙ୍କୁ 'ନବମ କନହେଇ କଥା ପୁରସ୍କାର' ପ୍ରଦାନ କରାଯାଇଥିଲା। ଶେଷରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସମ୍ପାଦକ ସଞ୍ଜୟ ଛୁଆଳ ସିଂ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଅଭିଲେଖାଗାରରେ ପଞ୍ଚଦଶ ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୫।୬(ସମିସ): ଭାରତୀୟ ଜାତୀୟ ଅଭିଲେଖାଗାରରେ ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ପଞ୍ଚଦଶ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ଡ଼. ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ ଭାରତର ସୁନାମଧାନ୍ୟ ସ୍ନାୟୁ ଚିକିତ୍ସକ ତଥା ଭାରତୀୟ ଆୟୁର୍ବିଜ୍ଞାନ ଚିକିତ୍ସାଳୟର ପ୍ରାକ୍ତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ପ୍ରଭୁ ଜଗନ୍ନାଥ : ଓଡିଆଙ୍କ ଜୀବନରେଖା' ଶୀର୍ଷକ ଆଲୋଚନାଚକ୍ରରେ ଜଗନ୍ନାଥଙ୍କୁ କେବଳ ଦେବତା ନୁହନ୍ତି ତାଙ୍କୁ ଓଡ଼ିଆ ତଥା ବିଶ୍ୱର ସାଂସ୍କୃତିକ ପରିଚୟ, ଆଧ୍ୟାତ୍ମିକ ମାର୍ଗଦର୍ଶକ ଓ ପ୍ରେମ ତଥା କରୁଣାର ପ୍ରତୀକ ବୋଲି କହିଥିଲେ। ଅଭିଲେଖାଗାରରେ ଜଗନ୍ନାଥ ସମ୍ବଳିତ ଅନେକ ତାଳପତ୍ର ପାଣ୍ଡୁଲିପି ଯଥା ସେବାକର୍ମାଣି, ଛାମୁଚିଟାଉ ଆଦି ଅନେକ ଗ୍ରନ୍ଥ ରହିଛି ଯାହାର ଅନେକ ଗବେଷଣା ଜରୁରୀ ବୋଲି ଡ଼. ମିଶ୍ର ଗବେଷକ ମାନଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଡ଼. ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ ଓ ଡ଼. ଜୟନ୍ତୀ ସାହୁ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
## ପ୍ରସୂତି ନୁହେଁ; ପରାମର୍ଶରେ ସୀମିତ ଡାକ୍ତରଖାନା

ବାଲିପାଟଣା ୨୫।୬ (ସମିସ): ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିକଳ ଚିତ୍ର ପଦାକୁ ଆସିଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମାସକୁ ୧୨ ଦିନ ମେଡିକାଲକୁ ଆସୁଥିବାରୁ ଲୋକେ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ଡାକ୍ତର, କର୍ମଚାରୀ ପଦ ପଦବୀ ଖାଲି ଥିଲେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି ଉଦାସୀନତା ଏଯାଏଁ ଜାରିରହିଛି।

- **ଡାକ୍ତର ଆସୁଛନ୍ତି ମାସିକ ୧୨ ଦିନ**
- **ବର୍ଷକରେ ହୋଇଛି ମାତ୍ର ୫ ପ୍ରସବ**

ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରାୟ ୧୮ ବର୍ଷ ଧରି ରହିଥିଲେ ମଧ୍ୟ ସପ୍ତାହକୁ ମାତ୍ର ତିନିଦିନ ଡ୍ୟୁଟି କରୁଥିବା ଅଭିଯୋଗ ହେଉଛି। ତାହା ପୁଣି ଦିନକୁ ୩ ରୁ ୪ ଘଣ୍ଟା। ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ କେବଳ ବାଲିପାଟଣାର ୧୭ଟି ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ବାସିନ୍ଦା ମଧ୍ୟ ନିର୍ଭର କରନ୍ତି। ମାତ୍ର ସପ୍ତାହକୁ ୩ ଦିନ ସ୍ତ୍ରୀ ରୋଗ ବିଶେଷଜ୍ଞ ଆସୁଥିବାରୁ ସେହି ତିନି ଦିନରେ ପ୍ରାୟ ୧୨୦ ଜଣ ଅର୍ଥାତ୍ ମାସକୁ ୪୮୦ ଜଣ ଗର୍ଭବତୀଙ୍କ ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ସୂଚନା। କିନ୍ତୁ ୨୦୨୪-୨୫ ରିପୋର୍ଟ ଅନୁଯାୟୀ ୪୮୦ରୁ ମାତ୍ର ୫ ଜଣ ଗର୍ଭବତୀଙ୍କ ପ୍ରସବ ହୋଇଛି ଅର୍ଥାତ ଏହି ଚଳିତ ବର୍ଷ ରେ ୫୭୬୦ ଗର୍ଭବତୀଙ୍କ ମଧ୍ୟରୁ ମାତ୍ର ୬୦ ଜଣ ଏହିଠାରେ ସନ୍ତାନ ପ୍ରସବ କରିଛନ୍ତି ବାକି ୫୭୦୦ ଜଣ ଅନ୍ୟ ଘରୋଇ ଓ ରାଜଧାନୀରେ ପ୍ରସବ କରାଇଛନ୍ତି। ୨୦୨୧-୨୨ରେ ମାସକୁ ୯ ଜଣ, ୨୨-୨୩ରେ ୧୦ ଜଣ, ୨୩-୨୪ ରେ ମାସକୁ ୭ ଜଣ ଗର୍ଭବତୀ ଏହି ଡାକ୍ତରଖାନାରେ ପ୍ରସବ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ଆଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା।

## ବରିଷ୍ଠ ନାଗରିକଙ୍କ ପାଇଁ 'ଷାଠିଏ ଫଗୁଣ ପରେ'

ଭୁବନେଶ୍ୱର, ୨୫।୬(ସମିସ): ବୋଉ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶାର ବ୍ୟଙ୍ଗ କବି ଜ୍ଞାନ ହୋତାଙ୍କ ଷାଠିଏ ତମ ଜନ୍ମଦିନକୁ ନିଃସଙ୍ଗ ବୟସ୍କ ବା ବରିଷ୍ଠ ନାଗରିକଙ୍କ ପାଇଁ ସମର୍ପିତ ହାସ୍ୟବ୍ୟଙ୍ଗ କାର୍ଯ୍ୟକ୍ରମ 'ଷାଠିଏ ଫଗୁଣ ପରେ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ସିନେ ନିର୍ଦ୍ଦେଶକ ତଥା ଅଭିନେତା ପ୍ରଶାନ୍ତ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଯୋଗଦେଇ ନିଆରା ହାସ୍ୟରସ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକା ଡ. ସଂଘମିତ୍ରା ମିଶ୍ର, ଓଡ଼ିଆ ଭାଷା ସାହିତ୍ୟର ଗବେଷକ ବୈଷ୍ଣବ ମହାନ୍ତି ଏବଂ ପାରାଦୀପ ଫସଫେଟ ଲିମିଟେଡ୍‌ର କର୍ପୋରେଟ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଏଥିରେ ଜ୍ଞାନ ହୋତାଙ୍କ ରଚିତ କିଛି ଲୋକପ୍ରିୟ ନିର୍ବାଚିତ ହାସ୍ୟବ୍ୟଙ୍ଗ କବିତାକୁ ଛନ୍ଦା ମିଶ୍ରଙ୍କ ସଂଯୋଜନାର ଡ. କୁଳାଙ୍ଗାର, ରବୀନ୍ଦ୍ର ରାଉତ, ବିଭୁ ମିଶ୍ର, ନମିତା ହୋତା, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ନିଃସଙ୍ଗ ବୟସ୍କଙ୍କ ପାଇଁ ସମର୍ପିତ ହାସ୍ୟବ୍ୟଙ୍ଗ କବିତା ପରିବେଷଣ କରିଥିଲେ। ଫାଉଣ୍ଡେସନର ଟ୍ରଷ୍ଟି ଆତ୍ମଜା ମହାନ୍ତି ଓ ଅତୀଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



## ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାଲିଅନ୍ତା, ୨୫।୬(ସମିସ): ବାଲିଅନ୍ତା ବ୍ଲକ ଅଧୀନ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୫୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପଞ୍ଚଶିକ୍ଷା ସେତୁ କମିଟିର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ସତ୍ୟଭାମାପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ରଶ୍ମିତା ଭୋଇ ମୁଖ୍ୟ ଅତିଥି ଭାବେ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ସାହେବ କୁମାର ସାହୁ, ସଂସଦର ବରିଷ୍ଠ ସଦସ୍ୟ ବୃନ୍ଦାବନ ବେହେରା, ସଂସଦର ସାଧାରଣ ସମ୍ପାଦକ ପଠାଣି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ୧୬୭ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପରେ ଅତିଥିମାନେ ଆମ ସଂସ୍କୃତି ଆମ ଖେଳନା ଗଣିତ ଓ ବିଜ୍ଞାନ କ୍ଲବର ବିଭିନ୍ନ ମଡେଲ ଓ ଚିତ୍ର ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶରତ କୁମାର ବସନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସିଦ୍ଧେଶ୍ୱିନୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।




## ବିମାନ ବନ୍ଦରରେ ଚାକିରି ଆଳରେ ଠକେଇ
## ପ୍ଲେସମେଣ୍ଟ କୋ-ଅର୍ଡିନେଟର ଗିରଫ

ଭୁବନେଶ୍ୱର, ୨୫।୬ (ସମିସ): ବିମାନ ବନ୍ଦରରେ ଚାକିରି କରାଇବା ନାଁରେ ୧.୬୬ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନ୍ୟାସନାଲ ଆଭିଏସନ ଏକାଡେମୀ ପ୍ରାଇଭେଟ୍ ଲିମିଟେଡର ପ୍ଲେସମେଣ୍ଟ କୋ-ଅର୍ଡିନେଟର ସୁପ୍ରଭାତ ଭଟ୍ଟାଚାର୍ଯ୍ୟ ଓରଫ୍ ରାହୁଲ ରୟ (୨୯)। ତା'ର ଘର ପଶ୍ଚିମବଙ୍ଗରେ। ପୁଲିସ ସୂଚନା ଅନୁସାରେ, ଶୁଭଶ୍ରୀ, ତାଙ୍କ ସହପାଠୀ ସଂଘମିତ୍ରା ଓ ରତିକାନ୍ତ ମିଶି ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ସ୍ଥିତ ନ୍ୟାସନାଲ ଆଭିଏସନ ଏକାଡେମୀରେ ନାମ ଲେଖାଇଥିଲେ। ଗତ ମାର୍ଚ୍ଚ ୧୨ ତାରିଖରୁ ଏପ୍ରିଲ ୮ ତାରିଖ ମଧ୍ୟରେ ତାଲିମ ନେଇଥିଲେ। ଏହି ସମୟରେ ଭିତରେ ପ୍ଲେସମେଣ୍ଟ କୋ-ଅର୍ଡିନେଟର ରାହୁଲ, ଏରିଆ ମ୍ୟାନେଜର ଶ୍ରୁତି ଓ ପ୍ରତିଷ୍ଠାନର ଅନ୍ୟାନ୍ୟ ପରିଚାଳନା ଅଧିକାରୀମାନେ ଚାକିରି ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ। ଚାକିରି ଆଳରେ ରାହୁଲ ଓ ତା'ର ସହଯୋଗୀମାନେ ଶୁଭଶ୍ରୀ ଓ ସଂଘମିତ୍ରାଙ୍କ ୧ ଲକ୍ଷ ୬୬ ହଜାର ଟଙ୍କା ଆଦାୟ କରିଥିଲେ। ତାଲିମ୍ ସରିବା ପରେ ପ୍ଲେସମେଣ୍ଟ ସାର୍ଟିଫିକେଟ ଦେଇଥିଲେ। ହେଲେ ତାହା ନକଲି ବୋଲି ପରବର୍ତ୍ତୀ ସମୟରେ ଶୁଭଶ୍ରୀ ଓ ସାଙ୍ଗମାନେ ଜାଣିବାକୁ ପାଇଥିଲେ। ପ୍ରତିଶ୍ରୁତି ମୁତାବକ ଚାକିରି ନ ମିଳିବାରୁ ଶୁଭଶ୍ରୀ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନେ ପ୍ରତାରଣାମୂଳକ ଉପାୟରେ ଜାଲ୍ କାଗଜପତ୍ର ବ୍ୟବହାର କରି ଠକିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଆଜି ରାହୁଲକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରଥଯାତ୍ରା ପାଇଁ ଚିତ୍ରକଳା ଶିବିର ଉଦ୍‌ଘାଟିତ



ଭୁବନେଶ୍ୱର, ୨୫।୬(ସମିସ): ଛାତ୍ରଛାତ୍ରୀମାନଙ୍କୁ ନେଇ ରଥଯାତ୍ରା ଅବସରରେ ଏକ ଚିତ୍ରକଳା ଶିବିର ଆରମ୍ଭ ହୋଇଛି। ଏହି ପ୍ରଦର୍ଶନୀ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଓ ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରୀ ତରଫରୁ ଆୟୋଜିତ ହୋଇଛି। ଶିବିରରେ ମୋଟ ୨୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ପ୍ରଦର୍ଶନୀରେ 'ରଥଯାତ୍ରା' ଓ 'ଶ୍ରୀ ଜଗନ୍ନାଥ ସଂସ୍କୃତି' ବିଷୟବସ୍ତୁକୁ ନେଇ ଶିଳ୍ପୀମାନେ ବିଭିନ୍ନ ଚିତ୍ର ଆଙ୍କିଛନ୍ତି। ଏହି ଶିବିରଟି ଆସନ୍ତା୨୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା ସୂଚନା ଦେଇଛନ୍ତି।

## ରୋଟାରୀ ଜିଲ୍ଲା ପ୍ରାନ୍ତପାଳଙ୍କ କ୍ଲବ୍ ପରିଦର୍ଶନ

ଭୁବନେଶ୍ୱର, ୨୫।୬(ସମିସ): ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ଆନୁକୂଲ୍ୟରେ ବାର୍ଷିକ ଜିଲ୍ଲା ପ୍ରନ୍ତପାଳଙ୍କ କ୍ଲବ୍ ପରିଦର୍ଶନ ସହିଦ୍‌ନଗରସ୍ଥିତ ହୋଟେଲ୍ ଶୀତଳଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ଯାଜ୍ଞଶିଷ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସହ ପ୍ରାନ୍ତପାଳ ଶ୍ରୀଚନ୍ଦନ ମିଶ୍ର ଓ ଜୋନାଲ ଚେୟାର ବିଜୟ ପାତ୍ର ଯୋଗ ଦେଇଥିଲେ। କ୍ଲବ୍‌ର ସଭାପତି ରୋଟାରିଆନ ପ୍ରୀତ୍ କୁମାର ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ରୋଟାରୀଆନ ରବୀନ୍ଦ୍ରନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ କ୍ଲବ୍ ତରଫରୁ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗୋଷାଳାରେ ରକ୍ଷା ବନ୍ଧନ', 'ବିଶ୍ୱ ବେତାର ଦିବସ' ଓ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରୋଟାରୀ ପ୍ରାନ୍ତପାଳ ଭବାନୀ ଚୌଧୁରୀ, ଶିବବ୍ରତ ଦାସ, ସୌମ୍ୟ ରଞ୍ଜନ ମିଶ୍ର, ବରିଷ୍ଠ ରୋଟାରୀଆନ କୈଳାସ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀ ସ୍ୱପ୍ନ; ଆନ୍ଧ୍ର ନଡ଼ିଆରେ ବେପାର

ଭୁବନେଶ୍ୱର, ୨୫।୬(ସମିସ): ଏକଦା ରାଜଧାନୀରେ ସାକ୍ଷୀଗୋପାଳର ଦେଶୀ ନଡ଼ିଆର ଚାହିଦା ରହିଥିବା ବେଳେ ସମୟ କ୍ରମେ ଫନୀ ବାତ୍ୟା ପରଠାରୁ ଦେଶୀ ନଡ଼ିଆ ଆଉ ଦେଖିବାକୁ ମିଳୁନାହିଁ। ଫଳରେ ରାଜଧାନୀବାସୀ ଆନ୍ଧ୍ର ନଡ଼ିଆ ଉପରେ ନିର୍ଭର କରୁଛନ୍ତି।

ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନଡ଼ିଆ ବ୍ୟବସାୟୀଙ୍କ ପାଇଁ ଏକଦା ଭୁବନେଶ୍ୱର ବଜାର ଏକ ବଡ଼ ବ୍ୟବସାୟିକ ପେଣ୍ଠସ୍ଥଳୀ ଥିଲା। ଯେଉଁଠାରେ ସିଧାସଳଖ ନଡ଼ିଆ ବେପାରୀମାନେ ନଡ଼ିଆ ଆଣି ବିକ୍ରି କରୁଥିଲେ। କିନ୍ତୁ ୨୦୧୯ ମସିହା ଫନୀ ବାତ୍ୟା ପରଠାରୁ ସାକ୍ଷୀଗୋପାଳରେ ପ୍ରାୟ ୭୦ ପ୍ରତିଶତ ନଡ଼ିଆ ଗଛ ଭାଙ୍ଗିଗଲା। ଆଉ ଯେତିକି ନଡ଼ିଆ ଗଛ ରହିଛି ସେଥିରୁ ଆଶାଜନକ ଭାବେ ନଡ଼ିଆ ଉତ୍ପାଦନ ହେଉନାହିଁ। ଏକ ଆକଳନ ଅନୁଯାୟୀ ବାତ୍ୟା ପରେ ସାକ୍ଷୀଗୋପାଳରୁ ପ୍ରାୟ ୭୫ ପ୍ରତିଶତ ନଡ଼ିଆ ଭୁବନେଶ୍ୱରକୁ ଆସିବା କମିଯାଇଛି। ଯେଉଁ ୨୫ ପ୍ରତିଶତ ନଡ଼ିଆ ଆସୁଛି ସେଥିରୁ ଅଧିକାଂଶ ପଇଡ଼ ଆକାରରେ ଆସୁଛି। ଫଳରେ ଭୁବନେଶ୍ୱରବାସୀଙ୍କୁ ତାମିଲନାଡୁ, ଆନ୍ଧ୍ର ନଡ଼ିଆ ଉପରେ ନିର୍ଭର କରିବାକୁ ପଡୁଛି। ବ୍ୟବସାୟୀ ପ୍ରଶାନ୍ତ କୁମାର ପ୍ରଧାନଙ୍କ କହିବା ଅନୁଯାୟୀ ଏବେ ତାମିଲନାଡୁରୁ ନଡ଼ିଆ ଟନ୍ ପିଛା ୬୮ ରୁ ୭୦ ହଜାର ଟଙ୍କା ପଡୁଛି। ଯାହାର କିଣାଦର ଅଧିକ ରହୁଥିବାରୁ ଦୋକାନୀ ଏବେ ଅଧିକାଂଶ ଆନ୍ଧ୍ର ପ୍ରଦେଶରୁ ଚୋପାଲଗା ନଡ଼ିଆ ଆଣୁଛନ୍ତି। ଯାହାର ଗୋଟା ପ୍ରତି କିଣା ଦର ରହିଛି ୨୨ ଟଙ୍କା।



**ଆଜି ଜାତୀୟ ନାରିକେଳ ଦିବସ**

### ଉତ୍ପାଦନ ହ୍ରାସର କାରଣ

ନଡ଼ିଆ ଚାରା ମଞ୍ଜିରୁ ହୋଇଥାଏ। ହେଲେ ଲୋକମାନେ ଫଳନ୍ତି ଗଛର ବୟସ ୨୦ ରୁ ୪୦ ବର୍ଷ ହୋଇଥିବା ଦରକାର ତା ଭିତରେ ଯଦି ସେ ୭୦ ରୁ ଅଧିକ ଥର ଫଳ ଦେଉଥିବ ତେବେ ସେହି ଗଛର ଫଳକୁ ଚାରା ରୂପରେ ବ୍ୟବହାର କରିପାରିବା। ହେଲେ ଲୋକମାନେ ଯେ କୌଣସି ଗଛର ଫଳକୁ ନେଇ ଚାରା କରିଦେଉଛନ୍ତି। ସେହି ଗଛରୁ ଯେଉଁ ଫଳ ଫଳିବ ତାହା ଡ଼େରି ହବ ଏବଂ ଭଲ ଫଳ ଫଳିବ ନାହିଁ। ଏଥିସହିତ ଗଛ ଲଗାଇବା ପରେ ସେହି ଗଛରେ କ୍ଷତ କି ପାଣି କିଛି ଦଉନାହାନ୍ତି ଯେଉଁଥିପାଇଁ ନଡ଼ିଆ ଠିକ୍ ସମୟରେ ଫଳି ପାରୁନାହିଁ ବୋଲି ଓୟୁଏଟିର କୃଷି ବୈଜ୍ଞାନିକ ଡ଼. ଅଜିତ୍ କୁମାର ସାହୁ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୧୪ • ପାଉଣ୍ଡ ୧୧୭.୩୭
- ୟୁରୋ ୯୯.୫୬ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୦,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୭୫୫.୦୦
- ନିଫ୍ଟି ୨୫,୨୪୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ତୁର୍କୀ ପର୍ଯ୍ୟଟନ ଶିଳ୍ପକୁ ଜୋରଦାର ଝଟ୍‌କା

## ମେ'ରେ ପର୍ଯ୍ୟଟକ ସଂଖ୍ୟାରେ ୨୪% ହ୍ରାସ




**ନୂଆଦିଲ୍ଲୀ,୨୫।୬(ଏଜେନ୍ସି):** ଭାରତ ବିରୋଧରେ ଯିବା ତୁର୍କୀ ପାଇଁ ମହଙ୍ଗା ପଡ଼ିଛି। ଭାରତୀୟ ପର୍ଯ୍ୟଟକଙ୍କ ଅସନ୍ତୋଷ ଓ ସୋସିଆଲ ମିଡିଆରେ ତୁର୍କୀ ବହିଷ୍କାର ଟ୍ରେଣ୍ଡ କରିବା ଯୋଗୁ ତୁର୍କି ପର୍ଯ୍ୟଟନ ଉଦ୍ୟୋଗକୁ ଶକ୍ତ ଝଟକା ଲାଗିଛି। ରିପୋର୍ଟ ଅନୁସାରେ ମେ ୨୦୨୫ରେ ତୁର୍କୀ ଭ୍ରମଣରେ ଯାଉଥିବା ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୨୪% ହ୍ରାସ ହୋଇଛି ଓ ଏହା ମାତ୍ର ମାସକରେ ହିଁ ହୋଇଛି।

ଅପରେସନ ସିନ୍ଦୂର କାଳରେ ଭାରତ ବିରୋଧରେ ତୁର୍କୀର ବୟାନ ଓ ପାକିସ୍ତାନକୁ ସାମରିକ ଏବଂ କୂଟନୈତିକ ସହଯୋଗ ଭାରତୀୟଙ୍କୁ ବ୍ୟଥିତ କରିଛି। ଏହା ପରେ ଭାରତୀୟ ସୋସିଆଲ ମିଡିଆରେ 'ବୟକଟ୍ ତୁର୍କୀ' ଟ୍ରେଣ୍ଡିଂ କରାଇଥିଲେ, ଯାହାର ସିଧା ପ୍ରଭାବ ତୁର୍କି ପର୍ଯ୍ୟଟନ କ୍ଷେତ୍ର ଉପରେ ପଡିଛି। ଭାରତରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ତୁର୍କୀ ଯାତ୍ରା କରିଥାନ୍ତି। ଇସ୍ତାନାବୁଲ, କପ୍ପାଡୋକିୟା ଓ ଏଣ୍ଟାଲ୍ୟା ଭଳି ଡେଷ୍ଟିନେସନରେ ଭାରତୀୟଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ତେବେ ତୁର୍କୀ ଯେବେଠାରୁ ଭାରତ ବିରୋଧରେ କୂଟନୈତିକ ପକ୍ଷ ନେଇଛି ସେବେଠାରୁ ଭାରତୀୟ ଟ୍ରାଭେଲ ଏଜେନ୍ସୀ ଓ ଟୁର ଅପରେଟର୍ସ ତୁର୍କୀ ଟୁର ପ୍ୟାକେଜ ବିକ୍ରି କାଟ କରିଛନ୍ତି। ଫଳରେ ମେ ମାସରେ ଅଚାନକ ତୁର୍କୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ୨୪% ହ୍ରାସ ହୋଇଛି। ଏହା ତୁର୍କୀ ପାଇଁ ଏକ ବଡ଼

**ଭାରତ ବିରୋଧରେ ଯିବା ପଡ଼ିଲା ମହଙ୍ଗା**

ଚେତାବନୀ ସାବ୍ୟସ୍ତ ହୋଇଛି। ତେବେ ତୁର୍କୀକୁ ଆସୁଥିବା ଅନ୍ୟ ଦେଶର ପର୍ଯ୍ୟଟକଙ୍କ ସ୍ୱାଭାବିକ ରହିଛି ଅଥବା ସାମାନ୍ୟ ବଢିଛି। ହେଲେ ଭାରତୀୟ ପର୍ଯ୍ୟଟକ ସଂଖ୍ୟାରେ ଦ୍ରୁତ ହ୍ରାସ ହୋଇଛି।

ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ଏପରି ହ୍ରାସ ବୟକଟ ଅଭିଯାନର ପ୍ରଭାବ ବୋଲି ସ୍ପଷ୍ଟ ହୋଇଯାଇଛି। ତୁର୍କୀ ଲାଗି ଭାରତ ଏକ ନୂଆ ଟୁରିଜିମ ମାର୍କେଟରେ ପରିଣତ ହୋଇଥିଲା। କେବଳ ଭାରତୀୟ ବହୁ ସଂଖ୍ୟାରେ ତୁର୍କୀ ଯାଉନଥିଲେ ସେମାନେ ସେଠାକାର ବିଳାଶମୟ ହୋଟେଲ, ସପିଙ୍ଗ ଓ ଲୋକାଲ ଗାଇଡଙ୍କ ଉପରେ ମଧ୍ୟ ବିପୁଳ ବ୍ୟୟ କରୁଥିଲେ। ଫଳରେ ତୁର୍କୀର ସ୍ଥାନୀୟ ଅର୍ଥନୀତିକୁ ବେଶ ପୋଷଣ ମିଳୁଥିଲା। ଏବେ ଭାରତୀୟ ତୁର୍କୀରୁ ଦୂରେଇଯାଇଥିବା ବେଳେ ଏହି ଆର୍ଥିକ କ୍ଷତି ବିଲିୟନରେ ଆକଳନ କରାଯାଉଛି। ଟ୍ରାଭେଲ ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ଅନୁସାରେ ତୁର୍କୀ ଯଦି ତା ନୀତିରେ ପରିବର୍ତ୍ତନ ନ କରେ ଏହି ହ୍ରାସ ଆହୁରି ଅଧିକ ହୋଇପାରେ। କାରଣ ବିଶ୍ୱର ସବୁଠୁ ବଡ଼ ଟ୍ରାଭେଲ ବଜାର ମଧ୍ୟରେ ଭାରତ ଅନ୍ୟତମ।

### ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ରିପୋର୍ଟ

## ଭାରତରେ ବଢୁଛନ୍ତି କୋଟିପତି

**୨୦୨୯ ସୁଦ୍ଧା ଦେଶରେ କୋଟିପତି ସଂଖ୍ୟା ୫୫% ବଢ଼ିବ**

**୫ ବର୍ଷରେ ବିଶ୍ୱରେ କୋଟିପତି ସଂଖ୍ୟାରେ ୨୧% ବୃଦ୍ଧି ସମ୍ଭାବନା**



**ନୂଆଦିଲ୍ଲୀ,୨୫।୬(ଏଜେନ୍ସି):**

ଭାରତରେ କୋଟିପତିଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୨୪ ରୁ ୨୦୨୯ ମଧ୍ୟରେ ଭାରତରେ କୋଟିପତିଙ୍କ ସଂଖ୍ୟାରେ ୫୫ ପ୍ରତିଶତ ବୃଦ୍ଧି ପାଇବ। ତେବେ କୋଟିପତି ସଂଖ୍ୟା ବୃଦ୍ଧି ହାରରେ ଏହା ବିଶ୍ୱ ହାରଠାରୁ ୨୧ ପ୍ରତିଶତ ଅଧିକ। ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ (ବିସିଜି) ଦ୍ୱାରା ପ୍ରକାଶିତ ଏକ ସାମ୍ପ୍ରତିକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଯେଉଁମାନଙ୍କର ୧୦ ଲକ୍ଷ ଡଲାର ଅର୍ଥାତ୍ ପ୍ରାୟ ୮.୩ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ନିବେଶଯୋଗ୍ୟ ସମ୍ପତ୍ତି ଅଛି ସେମାନଙ୍କୁ ଏହି ବର୍ଗରେ ରଖାଯାଇଛି।

ବିସିଜିର ପରିଚାଳନା ନିର୍ଦ୍ଦେଶକ ମୟଙ୍କ ଝା କହିଛନ୍ତି ଯେ ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ ଅଞ୍ଚଳ ଅନୁସାରେ ଜୈବିକ ଅଭିବୃଦ୍ଧିରେ ଏକ ବିରାଟ ପାର୍ଥକ୍ୟ ଥିଲା। ଏସିଆ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସମ୍ପତ୍ତି ପରିଚାଳକମାନେ ୫୦ ପ୍ରତିଶତ ହାର ହାସଲ କରିଛନ୍ତି। ଏହା ୟୁରୋପ, ପଶ୍ଚିମ ଏସିଆ ଏବଂ ଆଫ୍ରିକା ଏବଂ ଉତ୍ତର ଆମେରିକା ତୁଳନାରେ ଦୁଇଗୁଣରୁ ଅଧିକ। ଭାରତ ଭଳି ଉଦୀୟମାନ ବଜାରରେ ଏହା ନିର୍ଣ୍ଣାୟକ ଭାବରେ ବୃଦ୍ଧି ପାଇଛି। ୨୦୨୪ରେ ବିଶ୍ୱ ଆର୍ଥିକ ସମ୍ପତ୍ତି ରେକର୍ଡ ୩୦୫ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏହା ଦୃଢ଼ ଇକ୍ୱିଟି ବଜାର ପ୍ରଦର୍ଶନ ମଧ୍ୟରେ ଆର୍ଥିକ ସମ୍ପତ୍ତିରେ ୮.୧ ପ୍ରତିଶତ ବୃଦ୍ଧି ଦ୍ୱାରା ପରିଚାଳିତ। ବିସିଜି ରିପୋର୍ଟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ଭାରତର ଆର୍ଥିକ ସମ୍ପତ୍ତି ୧୦.୮ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଏସିଆ-ପ୍ରଶାନ୍ତ ମହାସାଗର କ୍ଷେତ୍ରର ହାରାହାରି ୭.୩ ପ୍ରତିଶତଠାରୁ ଅଧିକ। ୨୦୨୯ ପର୍ଯ୍ୟନ୍ତ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବାର୍ଷିକ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହା ଉତ୍ତର ଆମେରିକାର ୪ ପ୍ରତିଶତ ଏବଂ ପଶ୍ଚିମ ୟୁରୋପର ୫ ପ୍ରତିଶତ ତୁଳନାରେ ବହୁତ ଅଧିକ। ଭାରତରେ ଏହି ଦ୍ରୁତ ପ୍ରସାର ଆର୍ଥିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଚିହ୍ନିତ କରୁଛି।

### ଭାରତରେ ସଚେତନତା ହାର ଖୁବ୍ କମ୍

## କଭରେଜ୍ ସମ୍ପର୍କରେ ଜାଣନ୍ତିନି ୭୯% ବୀମାଧାରୀ

**● 'କଭର ସ୍ୟୁର' ସର୍ଭେ ରିପୋର୍ଟ**

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଭାରତୀୟ ବୀମାଧାରକଙ୍କ ମଧ୍ୟରେ ସଚେତନତାର ଏକ ବିରାଟ ଅଭାବ ରହିଛି। ବୀମା ପରାମର୍ଶଦାତା ଆପ୍ 'କଭରସ୍ୟୁର' ଦ୍ୱାରା କରାଯାଇଥିବା ଏକ ସର୍ଭେରେ ଏହା ପ୍ରକାଶ ପାଇଛି। ସର୍ଭେ ଅନୁଯାୟୀ, ୭୯ ପ୍ରତିଶତ ଭାରତୀୟ ଜାଣନ୍ତି ନାହିଁ ଯେ ସେମାନଙ୍କର ବୀମା ପଲିସି ସେମାନଙ୍କୁ ପର୍ଯ୍ୟାପ୍ତ କଭରେଜ୍ ଦେଉଛି କି ନାହିଁ। ଏହି ଅନିଶ୍ଚିତତାର ଅବସ୍ଥା ଅଣ୍ଡରଇନ୍‌ସ୍ୟୁରାନ୍ସର ବିପଦକୁ ସୂଚାଇଥାଏ। ଏହି କାରଣରୁ ଅନେକ ଲୋକଙ୍କୁ ବୀମା କଭରେଜ୍ ସତ୍ତ୍ୱେ ଆର୍ଥିକ ବିପଦର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଏହାବ୍ୟତୀତ, ସର୍ଭେ ଦର୍ଶାଉଛି ଯେ ପ୍ରାୟ ୭୧ ପ୍ରତିଶତ ଉତ୍ତରଦାତାଙ୍କ ପାଖରେ ୨ରୁ ୫ଟି ସକ୍ରିୟ ବୀମା ପଲିସି ରହିଛି। ଏଥିରେ ଜୀବନ ବୀମାର ସର୍ବାଧିକ ୬୩%, ତା'ପରେ ସ୍ୱାସ୍ଥ୍ୟ ବୀମାର ୨୪% ଏବଂ ମୋଟର ବୀମାର ୧୩% ପଲିସି ରହିଛି। ଏହି ପଲିସିଗୁଡ଼ିକ ଥିବା ସତ୍ତ୍ୱେ ୬୫ ପ୍ରତିଶତ ବୀମାଧାରୀ ସ୍ୱୀକାର କରିଛନ୍ତି ଯେ ସେମାନେ ସେମାନଙ୍କ ପଲିସିର ଲାଭ, ସର୍ତ୍ତାବଳୀ, ବାଦ ଏବଂ ଦାବି ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ସଚେତନ ନୁହଁନ୍ତି। କେବଳ ୩୫% ବୀମାଧାରୀ ଲାଭ ଏବଂ ସର୍ତ୍ତାବଳୀ ବିଷୟରେ ସମ୍ପୂର୍ଣ୍ଣ ବୁଝିଛନ୍ତି। କଭରସ୍ୟୁରର ପ୍ରତିଷ୍ଠାତା ଏବଂ ସିଇଓ ସୌରଭ ବିଜୟବର୍ଗୀୟ କହିଛନ୍ତି ଯେ ଯଦି ପଲିସିଧାରକ ଜାଣି ନ ପାରନ୍ତି ଯେ ତାଙ୍କୁ କେଉଁ କଭର ମିଳେ ଏବଂ ଏହାକୁ କିପରି ବ୍ୟବହାର କରିବେ, ତେବେ ବୀମାର ଉଦ୍ଦେଶ୍ୟ ବିଫଳ ହୁଏ। କେବଳ ବୀମା ନେବା ଯଥେଷ୍ଟ ନୁହେଁ, ପ୍ରକୃତ ଆର୍ଥିକ ସୁରକ୍ଷା କେବଳ ସେତେବେଳେ ହାସଲ ହୁଏ ଯେତେବେଳେ ପଲିସିଧାରକ ଏବଂ ତାଙ୍କ ପରିବାର ଏହା ବିଷୟରେ ସମ୍ପୂର୍ଣ୍ଣ ସଚେତନ ଥାଆନ୍ତି।

ସର୍ଭେରୁ ଜଣାପଡିଛି ଯେ ବୁଝାମଣାର ଅଭାବ ପରିବାର ପର୍ଯ୍ୟନ୍ତ ମଧ୍ୟ ବ୍ୟାପିଥାଏ, ୬୦ ପ୍ରତିଶତ ବୀମା ନିର୍ଭରଶୀଳ ଜାଣି ନ ଥାନ୍ତି ଯେ ସେମାନେ କେଉଁ ବୀମା ପଲିସି ଅଧୀନରେ କଭର ହୋଇଛନ୍ତି କି ନାହିଁ। ଏହାସହିତ, ୧୦ ଜଣ ନିର୍ଭରଶୀଳଙ୍କ ମଧ୍ୟରୁ କେବଳ ଜଣେ ସେମାନଙ୍କର କଭରେଜ୍ କିମ୍ବା ଲାଭକୁ ସଠିକ୍ ଭାବରେ ବର୍ଣ୍ଣନା କରିପାରିବେ। ଏହି ସଚେତନତାର ଅଭାବ ପ୍ରାୟତଃ ଦାବି ଦାଖଲ ହଜିଯିବା, ପ୍ରତ୍ୟାଖ୍ୟାନ କରାଯାଇଥିବା ଦାବି କିମ୍ବା ପଲିସିର ପ୍ରଭାବହୀନ ବ୍ୟବହାରକୁ ନେଇଥାଏ।

## ୟୁପିଆଇ କାରବାର ଫେଲ୍ ହେଲେ ତୁରନ୍ତ ଅର୍ଥ ଫେରସ୍ତ

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଏଣିକି ୟୁପିଆଇ କାରବାର ଫେଲ ହେଲେ ଉପଭୋକ୍ତା ତୁରନ୍ତ ଟଙ୍କା ଫେରସ୍ତ ପାଇବେ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଜୁଲାଇ ୧୫ରୁ ଏକ ନୂତନ ନିୟମ ଲାଗୁ କରିବାକୁ ଯାଉଛି। ଏହି ଅନୁଯାୟୀ, ଯଦି ଗ୍ରାହକଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଏ କିନ୍ତୁ ପେମେଣ୍ଟ ହୁଏ ନାହିଁ, ତେବେ ଉପଭୋକ୍ତା ତୁରନ୍ତ ଟଙ୍କା ଫେରସ୍ତ ପାଇବେ। କେବଳ ଏତିକି ନୁହେଁ, ଭୁଲ ୟୁପିଆଇ ନମ୍ବରକୁ ଟଙ୍କା ପଠାଇବା କ୍ଷେତ୍ରରେ ଉପଭୋକ୍ତା ତାଙ୍କ ବ୍ୟାଙ୍କରୁ ଟଙ୍କା ଫେରସ୍ତ ପାଇଁ ମାଗିପାରିବେ। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ଏବେ ଏନ୍‌ପିସିଆଇଠାରୁ ପୂର୍ବ ଅନୁମୋଦନ ଆବଶ୍ୟକ ନ କରି କିଛି ପ୍ରତ୍ୟାଖ୍ୟାନ କରାଯାଇଥିବା ଚାର୍ଜ ବ୍ୟାକ୍ ନିଜେ ଉଠାଇପାରିବେ। ଆଇଏନ୍‌ପିସିଆଇ ଦ୍ୱାରା ପ୍ରଚଳିତ ନୂତନ ୟୁପିଆଇ ଚାର୍ଜବ୍ୟାକ୍ ସିଷ୍ଟମ୍ ସେହି ଗ୍ରାହକମାନଙ୍କୁ ମଧ୍ୟ ଆଶ୍ୱସ୍ତି ପ୍ରଦାନ କରିବ, ଯେଉଁମାନଙ୍କର ରିଫଣ୍ଡ ଦାବି ପୂର୍ବରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ନୂତନ ନିୟମ ବ୍ୟାଙ୍କଗୁଡ଼ିକୁ ପୁରୁଣା ପ୍ରତ୍ୟାଖ୍ୟାନ ମାମଲାଗୁଡ଼ିକୁ ପୁନଃପରୀକ୍ଷଣ ଏବଂ ସମାଧାନ କରିବାକୁ ଅନୁମତି ଦେବ।

### ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ

## ସଙ୍କଟବେଳେ ଅଶୋଧିତ ତୈଳର ସୁରକ୍ଷିତ ରକ୍ଷାକବଚ

**ନୂଆଦିଲ୍ଲୀ,୨୫।୬(ଏଜେନ୍ସି):** ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କିନ୍ତୁ ଯୁଦ୍ଧ ସମୟରେ ଇରାନ ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବାକୁ ଚେଷ୍ଟା କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ଏପରି ସ୍ଥିତି ବିଶ୍ୱରେ ତୈଳ ଯୋଗାଣ ଅଭାବ ଏବଂ ମୂଲ୍ୟରେ ବୃଦ୍ଧି ଘଟାଇପାରେ। ଏଥିଯୋଗୁ ବିଶ୍ୱର ସର୍ବବୃହତ ଅଶୋଧିତ ତୈଳ ଆମଦାନୀକାରୀ ଭାରତ ପ୍ରଭାବିତ ହୋଇପାରେ। ତଥାପି, ଭାରତ ଏହାକୁ ନେଇ ବିଶେଷ ଚିନ୍ତିତ ନୁହେଁ। କାରଣ ଭାରତ ନିକଟରେ କୌଣସି ଜରୁରୀ ପରିସ୍ଥିତି ପାଇଁ ଅଶୋଧିତ ତୈଳର ସୁରକ୍ଷିତ ରକ୍ଷା କବଚ ରହିଛି।

ଭାରତ ଏହାର ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ (ଏସ୍‌ପିଆର୍)ର ଅଂଶ ଭାବରେ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ପାହାଡ ଗୁମ୍ଫାରେ ଅନେକ ନିୟୁତ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ସଂରକ୍ଷଣ କରିଛି। ଏସ୍‌ପିଆର୍ ପାଇଁ ଓଡ଼ିଶା ଏବଂ କର୍ଣ୍ଣାଟକରେ ଏପରି ଦୁଇଟି ସ୍ଥାନ ବିକଶିତ ହେଉଛି। ତେଣୁ ମଧ୍ୟପ୍ରାଚ୍ୟରେ ସଙ୍କଟ ବଢ଼ିଲେ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇପାରେ। ଏସ୍‌ପିଆର୍ ଜରିଆରେ ଭାରତ ଏହାର ମୁକାବିଲା କରିବାକୁ ପ୍ରସ୍ତୁତ। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନରେ ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ଲିମିଟେଡ୍ (ଆଇଏସ୍‌ପିଆର୍) ଦ୍ୱାରା ପରିଚାଳିତ ଭାରତର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ଦେଶର ଶକ୍ତି ସୁରକ୍ଷାର ମୂଳଦୁଆ। ବର୍ତ୍ତମାନ, ଭୂପୃଷ୍ଠରୁ ୯୦



ମିଟର ତଳେ ତିନୋଟି ଭୂତଳ ଗୁମ୍ଫା ରହିଛି, ଯାହାର ଲମ୍ବ ଏକ କିଲୋମିଟର ପର୍ଯ୍ୟନ୍ତ ଏବଂ ଏହା ସମୁଦ୍ର ପତ୍ତନଠାରୁ ୧.୫ ମିଟର ଉଚ୍ଚରେ ରହିଛି। ଏହାଛଡା ଏହାର

**ଚଣ୍ଡିଖୋଲରେ ପ୍ରତିଷ୍ଠା ହେବ ୪ ଏମ୍‌ଏମ୍‌ଟିର ତୈଳ ଭଣ୍ଡାର**

ଉଚ୍ଚତା ୧୦ ମହଲା କୋଠା ସହିତ ସମାନ। ସମୁଦ୍ର ପତ୍ତନରୁ ୧୯୬ ମିଟର ତଳେ ଥିବା ବିଶାଖାପାଟଣାରେ ଭାରତର ଏଲପିଜି ଗୁମ୍ଫା ବିଶ୍ୱର ସବୁଠାରୁ ଗଭୀର ଭୂତଳ ଇନ୍ଧନ ସଂରକ୍ଷଣ ସୁବିଧା ମଧ୍ୟରୁ ଗୋଟିଏ। ଏହି ତିନୋଟି ପ୍ଲାଣ୍ଟରେ ମୋଟ ୫.୩୩ ନିୟୁତ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) ଅଶୋଧିତ ତୈଳ ରହିଛି, ଯାହା ଭାରତର ଦୈନିକ ପ୍ରାୟ ୫ ନିୟୁତ ବ୍ୟାରେଲ ତେଲ ବ୍ୟବହାର ସହିତ ସମାନ। ଏହି ତିନୋଟି ବ୍ୟତୀତ, ଅତିରିକ୍ତ ସଂରକ୍ଷଣ ସ୍ଥାନ ସୃଷ୍ଟି କରିବା ପାଇଁ ମଧ୍ୟ କାର୍ଯ୍ୟ ଚାଲିଛି। ୨୦୨୧ ମସିହାରେ କେନ୍ଦ୍ର ସରକାର ଓଡ଼ିଶାର ଚଣ୍ଡିଖୋଲରେ ୪ ଏମ୍‌ଏମ୍‌ଟି ଏବଂ କର୍ଣ୍ଣାଟକର ପାଦୁର ୨.୫ ଏମ୍‌ଏମ୍‌ଟିକୁ ମିଶାଇ ମୋଟ ୬.୫ ଏମ୍‌ଏମ୍‌ଟିର ମୋଟ ସଂରକ୍ଷଣ କ୍ଷମତା ସହିତ ଆଉ ଦୁଇଟି ବାଣିଜ୍ୟିକ ଓ ରଣନୈତିକ ପେଟ୍ରୋଲିୟମ୍ ସଂରକ୍ଷଣ ସୁବିଧା ସ୍ଥାପନ କରିବାକୁ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପକୁ ସରକାରୀ-ଘରୋଇ ସହଭାଗୀତା (ପିପିପି) ମୋଡ୍ ଅଧୀନରେ ବିକଶିତ କରାଯିବାର ଯୋଜନା ରହିଛି।

## ଗୁଗୁଲ୍ ଆଣିଲା ଏଆଇ ମୋଡ୍ ଇନ୍ ସର୍ଚ୍ଚ

**ନୂଆଦିଲ୍ଲୀ,୨୫।୬(ଏଜେନ୍ସି):**

ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ଆଜିଠାରୁ ଭାରତରେ ଏହାର ନୂତନ ଏଆଇ-ଚାଳିତ ସର୍ଚ୍ଚ ଫିଚର୍ 'ଏଆଇ ମୋଡ୍ ଇନ୍ ସର୍ଚ୍ଚ' ଆରମ୍ଭ କରିଛି। ଏହି ଫିଚର ପୂର୍ବରୁ ଆମେରିକାରେ ପରୀକ୍ଷଣ କରାଯାଇଛି ଏବଂ ଏବେ ଏହାକୁ ଗୁଗୁଲ୍ ଲ୍ୟାବ୍ସ ଅଧୀନରେ ଏକ ପରୀକ୍ଷଣ ଭାବରେ ଭାରତରେ ଆରମ୍ଭ କରାଯାଇଛି। ପ୍ରାରମ୍ଭରେ ଏହି ଫିଚର୍ କେବଳ ଇଂରାଜୀରେ ଉପଲବ୍ଧ ହେବ। ଗୁଗୁଲ୍ କହିଛି ଯେ ଏହି ନୂତନ ଉପକରଣ ସନ୍ଧାନ କରିବାର ଉପାୟକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବ। କାରଣ ବର୍ତ୍ତମାନ ଲୋକମାନେ ଲମ୍ବା ଏବଂ କଷ୍ଟକର ପ୍ରଶ୍ନ ପଚାରିପାରିବେ ଏବଂ ଏହାର ଉତ୍ତରରେ, ଏଆଇ-ଜେନେରେଟେଡ୍ ଉତ୍ତର ଉପଲବ୍ଧ ହେବ, ଯାହା ବିଶ୍ୱସ୍ତ ଉତ୍ସଗୁଡ଼ିକର ଲିଙ୍କ ସହିତ ହେବ।

ଗୁଗୁଲର ମଲ୍ଟିମୋଡାଲ୍ ଏଆଇ ମଡେଲ୍ ଜେମିନି ୨.୫ରେ ସର୍ଚ୍ଚରେ ଏଆଇ ମୋଡ୍ କାମ କରେ। ଏହାର ବିଶେଷତ୍ୱ ହେଉଛି ଯେ ବ୍ୟବହାରକାରୀମାନେ କେବଳ ପାଠ୍ୟ ମାଧ୍ୟମରେ ପ୍ରଶ୍ନ ପଚାରିପାରିବେ ନାହିଁ, ବରଂ ଗୁଗୁଲ୍ ଲେନ୍ସ ବ୍ୟବହାର କରି ଫଟୋ ଅପଲୋଡ୍ କରି କିମ୍ବା




ଫଟୋ ଉଠାଇ ପ୍ରଶ୍ନ ପଚାରିପାରିବେ। ଉଦାହରଣ ସ୍ୱରୂପ, ଯଦି ଆପଣ ଏକ ଗଛର ଫଟୋ ଉଠାନ୍ତି, ତେବେ ଆପଣ ପଚାରିପାରିବେ ଯେ ଏହାର ଯତ୍ନ କିପରି ନେବେ। କିମ୍ବା ଆପଣ ଘରେ ଥିବା ଏକ ଭଙ୍ଗା ଜିନିଷର ଫଟୋ ଅପଲୋଡ୍ କରିପାରିବେ ଏବଂ ପଚାରିପାରିବେ ଯେ ଏହାକୁ କିପରି ସଜାଡ଼ିବେ। ଏହି ବୈଶିଷ୍ଟ୍ୟ ଗୁଗୁଲ୍ ଆପ୍‌ରେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ଉଭୟ ପାଇଁ ଉପଲବ୍ଧ। ଗୁଗୁଲ୍ କହିଛି ଯେ ଏହି ବୈଶିଷ୍ଟ୍ୟ ସେହି କଷ୍ଟକର ପ୍ରଶ୍ନଗୁଡ଼ିକ ପାଇଁ ଡିଜାଇନ୍ କରାଯାଇଛି, ଯାହାର ଉତ୍ତର ଖୋଜିବା ପାଇଁ ସାଧାରଣତଃ ଅନେକ ସର୍ଚ୍ଚ ଆବଶ୍ୟକ ହୁଏ। ତେବେ ଏହି ବୈଶିଷ୍ଟ୍ୟ ଗୋଟିଏ ଥରରେ ଅନେକ ମଜାଦାର ଏବଂ ବ୍ୟବହାରିକ ପରାମର୍ଶ ଦେବ। ଗୁଗୁଲ୍ ଅନୁଯାୟୀ, ପ୍ରାରମ୍ଭିକ ବ୍ୟବହାରକାରୀମାନେ

**ବଦଳିଯିବ ଇଣ୍ଟରନେଟ୍‌ରେ ପ୍ରଶ୍ନ କରିବାର ତରିକା**

**ଏଣିକି ଲମ୍ବା ପ୍ରଶ୍ନର ଉତ୍ତର ମିଳିବା ସହଜ ହେଲା**

ଏବେ ପୂର୍ବ ଅପେକ୍ଷା ଦୁଇରୁ ତିନି ଗୁଣ ଅଧିକ ପ୍ରଶ୍ନ ପଚାରୁଛନ୍ତି, ଯାହା ଦର୍ଶାଏ ଯେ ଲୋକମାନେ ଏବେ ଅଧିକ ଚ୍ୟାଟୁରାଲଏବଂ ବିସ୍ତୃତ ସନ୍ଧାନ କରୁଛନ୍ତି। ଏହାର ପଛରେ ଥିବା ପ୍ରଯୁକ୍ତିବିଦ୍ୟା ହେଉଛି 'କ୍ୱେରୀ ଫ୍ୟାନ୍-ଆଉଟ୍', ଯେଉଁଥିରେ ଏକ ଜଟିଳ ପ୍ରଶ୍ନକୁ ଛୋଟ ଛୋଟ ଅଂଶରେ ବିଭକ୍ତ କରାଯାଇଛି ଏବଂ ୱେବରେ ଏକକାଳୀନ ଏକାଧିକ ସର୍ଚ୍ଚ କରାଯାଏ। ଏହା ଅଧିକ ବିସ୍ତୃତ ଏବଂ ସଠିକ୍ ଉତ୍ତର ଦିଏ। ଗୁଗୁଲ୍ ନଲେଜ୍ ଗ୍ରାଫ୍ ଏବଂ ରିଅଲ୍-ଟାଇମ୍ ସ୍ଥାନୀୟ ଏବଂ ସପିଂ ସୂଚନା ବ୍ୟବହାର କରି, ଏହି ବୈଶିଷ୍ଟ୍ୟ ଆହୁରି ସଠିକ୍ ଉତ୍ତର ଦେଇଥାଏ।

## ବାଲୁକା କଳାରେ କେଶ କ୍ରିମ୍




ଭୁବନେଶ୍ୱର,୨୫।୬(ସମିସ): ହେୟାର କଲର ବ୍ରାଣ୍ଡ ଭାସମଲ୍ ପ୍ରାକୃତିକ ହେନାର ଚିରନ୍ତନ ପରମ୍ପରାରେ ମୂଳ ରଖୁଥିବା ତାହାର ଆଧୁନିକ, ଆମୋନିଆ ମୁକ୍ତ କ୍ରିମି ହେୟାରକଲର୍ 'ଭାସମଲ୍ ହେନା କ୍ରିମି ହେୟାର କଲର ପ୍ରଚଳନ କରିଛି। ଜୁନ୍ ୨୨ରେ ଉନ୍ମୋଚିତ ହୋଇଥିବା ଏହି ପ୍ରଚାର ଅଭିଯାନର କେନ୍ଦ୍ର ସ୍ଥଳରେ ରହିଛି ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କର ହୃଦୟସ୍ପର୍ଶୀ ସ୍ଥାପତ୍ୟ, ଯେଉଁଥିରେ ସମାନ ନାରୀଙ୍କୁ ଦୁଇଟି ରୂପରେ ସ୍ଥାନ ପାଇଛନ୍ତି। ଗୋଟିଏ ପରିଦୃଶ୍ୟ ହେଉଥିବା ଧୂସର, ଏବଂ ଅନ୍ୟଟି ଭାସମଲ୍ ହେନା କ୍ରିମି ହେୟାର କଲର ବ୍ୟବହାର କରିବା ପରେ ପ୍ରାକୃତିକ ଭାବରେ ଉଜ୍ଜ୍ୱଳ କଳା ରଙ୍ଗରେ। ଏହାର ମୂଳରେ ରହିଛି ନୂଆ ଭାସମଲ୍ ହେନା କ୍ରିମି ହେୟାର କଲର ଉତ୍ପାଦ ପ୍ୟାକ୍, ଯାହା ଚତୁପାର୍ଶ୍ୱ ଆକର୍ଷଣୀୟ ତିନି ରଥ ରହିଛି ଏବଂ ଏହା ପରମ୍ପରା ଏବଂ ରୂପାନ୍ତରଣକୁ ଏକତ୍ର ପରିଦୃଶ୍ୟ ହେବାଭଳି ବାନ୍ଧି ରଖୁଥିବା ଭାସମଲ୍‌ର ମୂଳ କମ୍ପାନୀ ଏଚଆରଆଇପିଏଲ୍‌ର ଏମ୍‌ଡି ଓ ସିଇଓ ଧିରଜ ଆରୋରା କହିଛନ୍ତି। ଏହି ଅବସରରେ ଏଚଆରଆଇପିଏଲ୍‌ର ସିନିୟର ଭିପି-ମାର୍କେଟିଂ ପ୍ରିୟଙ୍କା ପୁରୀ ଉପସ୍ଥିତ ଥିଲେ।

